**ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଦରମା ଅର୍ଥ ହଡ଼ପ**

ଦେବଗଡ଼ (ଡି.ଏନ.ଏ): ଦେବଗଡ଼ ପୌର ପରିଷଦର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରି ଆକାଉଣ୍ଟାଣ୍ଟ ଫେରାର ହୋଇଯାଇଛନ୍ତି। ଏନେଇ ଦେବଗଡ଼ ଥାନାରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଚାଳକ



କୁତ୍ରା, ୧୧।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ନିକଟ ୧୦ନମ୍ବର ରାଜ୍ୟ ରାଜପଥ ସତ୍ୟମ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଳକ। ବଡ଼ଗାଁରୁ ରାଉରକେଲା ଅଭିମୁଖେ ଯାଉଥିବା ଏକ ଗଛଗଣ୍ଡ ବୋଝେଇ ଚାରି ଚକିଆ ଟେମ୍ପୁ ଭାରସାମ୍ୟ ହରାଇ ରାଜ୍ୟ ରାଜପଥ କଡ଼ରେ ଥିବା ଡ୍ରେନ ଉପରକୁ ଚଢି ସିସି କ୍ୟାମେରା ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସିସି କ୍ୟାମେରା ଖୁଣ୍ଟ ସହିତ ଉପୁଡି ପଡିଛି। ଗାଡିଟି ଡ୍ରେନ ଭିତରେ ଓଲଟି ପଡିଛି। ତେବେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପରେ କୁତ୍ରା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି।

### ଡୁମେରଯୋରରେ ପାଡ଼ହା ଗୃହ ଉଦ୍‌ଘାଟନ

କୁଆଁରମୁଣ୍ଡା,୧୧।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତର ଡୁମେରଯୋର ସଦରରେ ଶୁକ୍ରବାର ଏକ ପାଡହା ଗୃହ ଉଦ୍‌ଘାଟନ କରିଛନ୍ତି ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର। ଏହି ଅବସରରେ ଆଦି ପାଡହା ତରଫରୁ ଜିତବାହାନ ଟପ୍ପୋଙ୍କ ୫୦ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଜିତ୍‌ବାହାନ ଆଦିଧରମର ଜଣେ ସ୍ଥାନୀୟ ସଂସ୍କାରକ ଥିଲେ ବୋଲି ଜିଲାପରିଷଦ ସଭ୍ୟ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ମହେନ୍ଦ୍ର କୁମାର ସାହୁ, ସାଗର କୁଅଁର, ଭୋଲାନାଥ ଟପ୍ପୋ, କାହ୍ନୁ ଟପ୍ପୋ, ଭୁଖା ଓରାମ ପ୍ରମୁଖ ମଞ୍ଚାସୀନ ରହି ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଆତକା ପାଡହାର ବେଲ୍ ବସନ୍ତ ଓରାମ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ପାରମ୍ପରିକ ନୃତ୍ୟ ଓ ମାଦଳ ବାଜାରେ ଅଞ୍ଚଳରେ ସାଂସ୍କୃତିକ ମାହୋଲ ବୃଦ୍ଧି ପାଇଥିଲା।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଝାରସୁଗୁଡ଼ା ଅଫିସ,୧୧।୬

ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଗିରଫଦାରି ପ୍ରତିବାଦରେ ଧାରଣା ଦେଇଥିବା ଝାରସୁଗୁଡ଼ା ଜିଲାର ଯୋରାବଗା ଗ୍ରାମବାସୀ ଶନିବାର ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି।

ଏମ୍‌ସିଏଲ୍ ବେଲପାହାଡ ଖୋଲାମୁହଁ କୋଇଲା ଖଣିରେ କାର୍ଯ୍ୟରତ ଆର୍‌ଏସ୍‌ଏ ଠିକାସଂସ୍ଥା ଅଭିଯୋଗକୁ ଭିତ୍ତିକରି ପୋଲିସ ଗତ ୭ତାରିଖରେ ଯୋରାବଗା ଗ୍ରାମର ୧୧ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀ ଗତ ଗୁରୁବାରରୁ ସମ୍ପୃକ୍ତ ଠିକାସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିରେ ଠିକାସଂସ୍ଥାରେ କାମ କରୁଥିବା ଗ୍ରାମର ଯୁବକମାନେ ସାମିଲ ହୋଇଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥା ତରଫରୁ ଗ୍ରାମର କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଆନ୍ଦୋଳନକୁ ଜୋରଦାର କରିଥିଲେ।



ଗ୍ରାମବାସୀ ଆଲୋଚନା ପାଇଁ ଏମ୍‌ସିଏଲ୍ ଜିଏମ୍ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଶନିବାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ଏ ନେଇ ଏମ୍‌ସିଏଲ୍ ଲଖନପୁର ଜିଏମ୍ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ଜିଏମ୍ ସଞ୍ଜୟ କୁମାର ଝା, ଯୋରାବଗା ଗ୍ରାମର ୱାର୍ଡମେମ୍ବର ଗୀତାରାଣୀ ପାନ, ଉମାକାନ୍ତ ବିଶ୍ୱାଳ, ଟିକେଶ୍ୱରୀ ସାହୁ, ସେବତୀ ଛଁଆଣ, ସୌଦାମିନୀ ଛଁଆଣ, ବୀଣାପାଣୀ ବିଶ୍ୱାଳ, ସବ୍ୟସାଚୀ ସାହୁ ଓ ଅଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ୧୧ଜଣଙ୍କ ନାମରେ ହୋଇଥିବା କେସ୍ ପ୍ରତ୍ୟାହାର, ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଆଦି ଦାବି ହୋଇଥିଲା। ଏହି ଦାବିକୁ ଏମ୍‌ସିଏଲ୍ ମାନିନେଇ ଛଟେଇ ଠିକା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଗିରଫଦାରି ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା ପ୍ରସଙ୍ଗ

## ବରସୁଆଁ ସେଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଟେନ୍‌ସା,୧୧।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଭାରତୀୟ ପ୍ରାଧିକରଣ ସଂସ୍ଥା (ସେଲ)ବରସୁଆଁ ଲୌହ ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସେଲ୍ ପେରିଫେରିୟଲ ଆୟୋଜିତ ଟେନ୍‌ସା ଇସ୍ପାତ ଡାକ୍ତରଖାନାର ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ମୁଖ୍ୟ ଅତିଥି ଭାବେ ଟେନ୍‌ସା ସରପଞ୍ଚ ଅନୀତା ପୂର୍ତ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ବରସୁଆଁ ଲୌହଖଣିର ଅମୀୟ ରଞ୍ଜନ ରାଉତ, ସମାଜସେବୀ ପପୁ ମହାନ୍ତି, ବରିଷ୍ଠ ଖବରଦାତା ସମୀର କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ଟେନସା, ତନ୍ତରା, ବାହାମ୍ବା, ଜିରୋ ପଏଣ୍ଟ ତଥା ପାରିପାର୍ଶ୍ୱିକ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ। ବରସୁଆଁ ଲୌହଖଣି ଇସ୍ପାତ ଡାକ୍ତରଖାନାର ଡାକ୍ତର ସଞ୍ଜୟ ସୋରେନ ସମେତ ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ବିଳମ୍ବରେ ଆସୁଛନ୍ତି ଡାକ୍ତରଖାନା କର୍ମଚାରୀ

ବଡ଼ଗାଁ, ୧୧।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଜିଲା ଅଧିକାରୀଙ୍କଠାରେ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ପ୍ରଶାସନ ରୋକ ଲଗାଇ ପାରିନାହାନ୍ତି। କର୍ମଚାରୀମାନେ ବାରମ୍ବାର ବିଳମ୍ବରେ ଆସୁଛନ୍ତି। ଫଳରେ ରୋଗୀମାନେ ହଇରାଣ ହେଉଛନ୍ତି। ଶନିବାର ସକାଳ ୭ ଟାରୁ ଲୋକେ ଡାକ୍ତରଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଫାର୍ମାସିଷ୍ଟଙ୍କ କାଉଣ୍ଟରରେ ଔଷଧ ନେବା ପାଇଁ ୧ଘଣ୍ଟା ଜଗିବା ପରେ ଫାର୍ମାସିଷ୍ଟ ଆସିଥିଲେ। ଫାର୍ମାସିଷ୍ଟଙ୍କ ଏହି ମନମୁଖୀ କାର୍ଯ୍ୟ ପାଇଁ ରୋଗଗ୍ରସ୍ତ ବୟସ୍କ ବୃଦ୍ଧାବୃଦ୍ଧମାନେ ହଇରାଣ ହେଉଥିଲେ ମଧ୍ୟ କାହାରି ଏଥିପ୍ରତି ଦୃଷ୍ଟି ନାହିଁ। ଏ ସମ୍ପର୍କରେ ଡାକ୍ତରଖାନା ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲାବେଳେ ବିଳମ୍ବରେ ଡାକ୍ତରଖାନା ଆସିଥିବା ଫାର୍ମାସିଷ୍ଟଙ୍କୁ ବିଳମ୍ବ କାହିଁକି ହେଲା ପଚାରିବାରୁ ସେ ନିରବ ରହିଥିଲେ। ସୂଚନାଯୋଗ୍ୟ ଯେ, ବଡ଼ଗାଁ ଜିଲା ପରିଷଦ ସଦସ୍ୟ ଅମିୟ କୁମାର ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପୋଙ୍କ ସହିତ ବଡ଼ଗାଁ ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ପରମାନନ୍ଦ ପାଣିଗ୍ରାହୀ ଓ ଆଉ କେତେକ ଗ୍ରାମବାସୀ ସିଡିଏମଓଙ୍କୁ ବଡ଼ଗାଁ ଡାକ୍ତରଖାନାର ଏହିସବୁ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଉଚ୍ଚ ଅଧିକାରୀଙ୍କ ଛତ୍ରଛାୟା ତଳେ ଥିବାରୁ କର୍ମଚାରୀମାନେ ଏଭଳି କାର୍ଯ୍ୟରେ ଅବହେଳା କରିଆସୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି



ଜଣେ ବୃଦ୍ଧା ଔଷଧ ନେବାକୁ ଅପେକ୍ଷା କରିଛନ୍ତି।

## କହପାଣି ଜଳାଶୟର ସୌନ୍ଦର୍ଯ୍ୟକରଣ ଲାଗି ତତ୍ପରତା

କୁତ୍ରା,୧୧।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ କୁତ୍ରା ବ୍ଲକ ଗସ୍ତରେ ଆସି ଏକ ଜଳାଶୟର ପରିଦର୍ଶନ କରିବା ସହିତ ଏହାର ଉନ୍ନତିକରଣ ପାଇଁ ବିଡ଼ିଓଙ୍କ ସହିତ ଆଲୋଚନା କରିଥିଲେ। କୁତ୍ରା ବ୍ଲକ ଅନ୍ତର୍ଗତ କହପାଣି ଖାଦାନପଡାରେ ରହିଛି ଏକ ବିରାଟ ଜଳାଶୟ। ଶନିବାର ଏହି ଅଞ୍ଚଳକୁ ଅତିରିକ୍ତ ଜିଲାପାଳ ଶିବ କୁମାର ଟପ୍ପୋ ଆସିଥିବାବେଳେ ଏହାର ପରିବେଶ ପ୍ରତି ଆକୃଷ୍ଟ ହୋଇ ସେହି ଜଳାଶୟ ନିକଟକୁ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ଡାକି ଏହାର ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଶୁଖିଯାଇଥିବା ଏହି ଜଳାଶୟ ଏକ ପ୍ରାକୃତିକ ମନୋରମ ପରିବେଶରେ ରହିଥିବାବେଳେ ସବୁଦିନିଆ ଜଳ ରହିବା ବ୍ୟବସ୍ଥା ଓ ଏହାର ସୌନ୍ଦର୍ଯ୍ୟକରଣ କରାଗଲେ ଅଞ୍ଚଳବାସୀଙ୍କୁ ଆହୁରି ଆକୃଷ୍ଟ କରିବା ସହ ଏକ ପିକନିକସ୍ଥଳ ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ (ଏଡିଏମ) ଟପ୍ପୋ ମତ ପ୍ରକାଶ କରିଥିଲେ। ଏହାସହ ଏଠିକାର ଜଳକୁ ଜଳସେଚନ ପାଇଁ ବ୍ୟବସ୍ଥା କରାଯାଇ ନିକଟସ୍ଥ ଚାଷ ଜମିକୁ ଯୋଗାଇବା ପାଇଁ ମଧ୍ୟ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ବିଡ଼ିଓଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଉପସ୍ଥିତ ଥିବା କେତେକ ଅଞ୍ଚଳବାସୀ ଏହି ଯୋଜନାକୁ ରୂପରେଖ ଦିଆଗଲେ ଏହା ଏକ ସୁନ୍ଦର ଦର୍ଶନୀୟ ସ୍ଥାନର ମାନ୍ୟତା ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି।



ଅତିରିକ୍ତ ଜିଲାପାଳ, ବିଡିଓ ଏବଂ ଅନ୍ୟମାନେ ଜଳାଶୟ ପରିଦର୍ଶନ କରୁଛନ୍ତି।

## ଝାରସୁଗୁଡ଼ା ଭାଜପା ପକ୍ଷରୁ ଗରିବ କଲ୍ୟାଣ ପର୍ବ

ଝାରସୁଗୁଡ଼ା ଅଫିସ,୧୧।୬

ମୋଦି ସରକାରଙ୍କ ୮ବର୍ଷ ପୂର୍ତ୍ତି ଉପଲକ୍ଷେ ଝାରସୁଗୁଡ଼ା ଭାଜପା ଟାଉନ ମଣ୍ଡଳ ତରଫରୁ ସହରର ଏକ ହୋଟେଲରେ ଗରିବ କଲ୍ୟାଣ ପର୍ବ ପାଳିତ ହୋଇଯାଇଛି। ଟାଉନ ମଣ୍ଡଳ ସଭାପତି ଦିନେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରାର୍ଥୀ ଦୀନେଶ କୁମାର ଜୈନ ମୁଖ୍ୟ ଅତିଥି, ତ୍ରିନାଥ ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଔଷଧ ସ୍କିମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରାର୍ଥୀ ଆନନ୍ଦ ପ୍ରଧାନ, ଜିଲା କୋଷାଧ୍ୟକ୍ଷ ମହେନ୍ଦ୍ର କେଡିଆ, ୱାର୍ଡ ନଂ. ୧୯ର କାଉନ୍‌ସିଲର ତରଙ୍ଗ ଦୁବେ, ଜିଲା ସମ୍ପାଦକ ରାଜେଶ ଦାସ, ଟାଉନ ମଣ୍ଡଳ ସାଧାରଣ ସମ୍ପାଦକ ରବିନାରାୟଣ ହୋତା, ଟାଉନ ମଣ୍ଡଳ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଶାଳ ସାଗର, ଟାଉନ ମଣ୍ଡଳ ଉପସଭାପତି ବିକାଶ ଗୁରୁଙ୍ଗ, ଟାଉନ ମଣ୍ଡଳ ସମ୍ପାଦକ ଉମେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଠିକାଦାର ସଂଘ ସହ ସାମିଲ ରହିଛି ଏସ୍‌ସି ଏସ୍‌ଟି ଠିକାଦାର ସଂଘ

ଦେବଗଡ଼, ୧୧।୬ (ଡି.ଏନ୍.ଏ.)

ସ୍ଥାନୀୟ ଏକ ଘରୋଇ ହୋଟେଲରେ ଦେବଗଡ଼ ଜିଲା ଏସ୍‌ସିଏସ୍‌ଟି ଠିକାଦାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଏହି ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସଂଘର ସଭାପତି ହରେକୃଷ୍ଣ ବେହେରା ଯୋଗଦେଇ ଜିଲା ଏସ୍‌ସିଏସ୍‌ଟି ଠିକାଦାର ସଂଘ ଜିଲା ଠିକାଦାର ସଂଘ ଅଧିନରେ ରହିଥିବା ପ୍ରକାଶ କରିଥିଲେ। ଏହା ସହ ଜିଲା ଠିକାଦାର ସଂଘ ଠାରୁ ଆମେ ଭିନ୍ନ ନୁହେଁ ଏବଂ ଜିଲା ଠିକାଦାର ସଂଘର ସମସ୍ତ ନିଷ୍ପତି, ନିୟମ ଜିଲା ଏସ୍‌ସି ଏସ୍‌ଟି ଠିକାଦାର ସଂଘ ପାଳନ କରିବ ବୋଲି ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ପୁନିଆ ମୁଣ୍ଡା ଏବଂ ଦେବାନନ୍ଦ ନାୟକ ଉପସ୍ଥିତ ରହିଥିଲେ।




ଖବରଦାତା ସମ୍ମିଳନୀରେ ଏସ୍‌ସି ଏସ୍‌ଟି ଠିକାଦାର ସଂଘର କର୍ମକର୍ତ୍ତା।

## ଗ୍ରୁପ୍ ପର୍ସନାଲ ଆକ୍ସିଡେଣ୍ଟ ଇନ୍‌ସ୍ୟୁରାନ୍ସରେ ସାମିଲ ପାଇଁ ଆହ୍ୱାନ

ରାଉରକେଲା ଅଫିସ,୧୧।୬

'ଗ୍ରୁପ୍ ପର୍ସନାଲ ଆକ୍ସିଡେଣ୍ଟ ଇନ୍‌ସ୍ୟୁରାନ୍ସ' ସ୍କିମ୍‌ରେ ସାମିଲ ହେବା ପାଇଁ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଗତ ୬ ତାରିଖରେ ଆରଏସ୍‌ପିର ପରିଚାଳନା କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏଶନ, ରାଉରକେଲା ଶ୍ରମିକ ସଂଘ ସହ ଅନ୍ୟ ଟ୍ରେଡ ୟୁନିୟନର ସହମତିରେ ଏକ ଚୁକ୍ତିନାମା ହୋଇଛି। ଆରଏସ୍‌ପିରେ ଯେଉଁ ଠିକା ଶ୍ରମିକ କାର୍ଯ୍ୟରତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିବେ କିମ୍ବା ଅର୍କମଣ୍ୟ ହୋଇଯିବେ ସେମାନଙ୍କ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯିବ। ଆରଏସ୍‌ପି ପରିସର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏହି ଦୁର୍ଘଟଣା ହେଲେ ମଧ୍ୟ ଏହି ବିମାରାଶି ଉକ୍ତ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ମିଳିବ ବୋଲି ବେହେରା ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଏନ୍‌ଜେସିଏସ୍ ଚୁକ୍ତି ଅନୁଯାୟୀ ଆରଏସ୍‌ପିରେ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଠିକା ଶ୍ରମିକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବ। ତେଣୁ ଆରଏସ୍‌ପିରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ ନିଜ ନିଜର ଆବଶ୍ୟକ କାଗଜପତ୍ର ପ୍ରଦାନ କରି ଏହି ସ୍କିମ୍‌ର ସୁଯୋଗ ନେବା ପାଇଁ ବେହେରା ଆହ୍ୱାନ ଦେଇଛନ୍ତି।

## ଭାଜପା ପକ୍ଷରୁ ଗରିବ କଲ୍ୟାଣ ଯୋଜନା ସମ୍ମିଳନୀ

ସୁନ୍ଦରଗଡ଼,୧୧।୬(ଡି.ଏନ.ଏ)

ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି ବ୍ଲକର ଗୁଲଠା ଗ୍ରାମଠାରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ଗରିବ କଲ୍ୟାଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଓ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୀର୍ଘ ୮ବର୍ଷ ମଧ୍ୟରେ ଭାରତର ସମସ୍ତ ରାଜ୍ୟରେ କିଭଳି ଉତଥାନ ହୋଇଛି ସେ ନେଇ ନିଜ ବକ୍ତବ୍ୟ ରଖିଥିଲେ। ସେହିଭଳି ଦ୍ୱିତୀୟ କାର୍ଯ୍ୟକ୍ରମରେ ସଦର ବ୍ଲକ ଅନ୍ତର୍ଗତ ବିରବିରା ଗ୍ରାମ ଠାରେ ଭାଜପା ଅନୁସୂଚି ଜନଜାତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ସଭାରେ ଉପସ୍ଥିତ ଜନତାଙ୍କୁ କେନ୍ଦ୍ର ସରକାରଙ୍କ ଆବାସ ଯୋଜନା, ସୌଭାଗ୍ୟ ଯୋଜନା, ଉଜ୍ଜାଲା ଯୋଜନା, ଆୟୁଷ୍ମାନ ଯୋଜନା, ହରଘର ଜଳ ଯୋଜନା, ଜନଧନ ଯୋଜନା, ଜୀବନ ସୁରକ୍ଷା ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ସହ କେନ୍ଦ୍ର ସରକାର ସଫଳତାସହ କୋଭିଡ ମୁକାବିଲା ନେଇ ମତବ୍ୟକ୍ତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ସୁଖଲାଲ ମୁଣ୍ଡା, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ଦିନେଶ କର, ଆଶିଷ ପଟେଲ, ଅଂଶୁଲ ପଟେଲ, ଉଦିତ ଖରସେଲ, ଦୁବରାଜ ନାଏକ, ସଞ୍ଜୀବ ସିଂହ, ହେମନ୍ତ କିଷାନ, ରାଜକୁମାର କିଷାନ, ସୁରେଶ ପଟେଲ, ସଂଯୁକ୍ତା ବୁଖରା, କାର୍ତ୍ତିକ ମାଝୀ, ଦୋଳରସା ଗୁଡ଼ିଆ, ଭେଷଜ ରଥ, ଅସୀମ ପଟେଲ, ନଳୀନ ପଟେଲ, କୈଳାସ ବରତିଆ ସମେତ ଭାଜପା କାର୍ଯ୍ୟକର୍ତ୍ତା, ସରପଞ୍ଚ ସମିତି ମେମ୍ବର ଏବଂ ଶତାଧିକ ଗରିବ କଲ୍ୟାଣକାରୀ ହିତାଧିକାରୀ ସାମିଲ ହୋଇଥିଲେ।




ଗରିବ କଲ୍ୟାଣ ସମ୍ମିଳନୀରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ ଉପସ୍ଥିତ।

## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

ଲହୁଣୀପଡା,୧୧।୬(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ ଏବଂ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଦୁଇ ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଛନ୍ତି। ଦ୍ୱିତୀୟ ଦିନରେ ଏହି ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀ ଲହୁଣୀପଡ଼ା ଓ କୋଇଡ଼ା ବ୍ଲକ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଏବଂ ଶିଳାନ୍ୟାସ କରିଥିଲେ। ଲହୁଣୀପଡ଼ା ବ୍ଲକର ଭୁତୁ ଗ୍ରାମପଞ୍ଚାୟତର ରନ୍ତା ଗ୍ରାମରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ, ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଯୋଗଦେଇ ୨୮ଟି ପ୍ରକଳ୍ପର ଲୋକାର୍ପଣ କରିବା ସହ ୧୨ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କର ସାମଗ୍ରିକ ବିକାଶ ଉପରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପାନୀୟ ଜଳ ଆଦି ଉପରେ ପ୍ରାଥମିକତା ଦିଆଯାଉଛି। ଡିଏମଏଫ ଏବଂ ଓ



କାର୍ଯ୍ୟକ୍ରମରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ଅନ୍ୟ ଅଧିକାରୀ।

### ଲହୁଣୀପଡ଼ା, କୋଇଡ଼ା ବ୍ଲକର ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ

ଖଣି ନିଗମ ପାଣ୍ଠିର ବ୍ୟବହାର କରି ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉଛି ବୋଲି କହିଛନ୍ତି ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦେଓରଂଜନ କୁମାର ସିଂ। ଲୋକାର୍ପଣ ଏବଂ ଶିଳାନ୍ୟାସ ପ୍ରକଳ୍ପ ଭିତରେ ରାସ୍ତା ସଂଯୋଗୀକରଣ, ଭିତ୍ତିଭୂମି ନିର୍ମାଣ, ଆଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟୁତ୍ ସବଷ୍ଟେସନ ସହିତ ସେବାଶ୍ରମ ସ୍କୁଲରେ ଡାଇନିଙ୍ଗ ହଲ ଏବଂ ଶୌଚାଳୟ ଆଦି ରହିଛି। ଏହି ପ୍ରକଳ୍ପ ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଏବଂ ଓଡ଼ିଶା ଖଣି ନିଗମ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଖଣି ପ୍ରଭାବିତ ଅଞ୍ଚଳର ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ଯୋଗାଇଦେବା ଲାଗି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଖଣି ଏବଂ ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସୁରକ୍ଷା କିଟ ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ୬ଟି ହକି ଓ ୫ଟି ଫୁଟବଲ ଟିମର ଖେଳାଳିମାନଙ୍କୁ ଆବଶ୍ୟକ ସ୍ପୋର୍ଟସ କିଟ୍ସ ପ୍ରଦାନ କରାଯାଇଥିଲା। ତା'ଛଡ଼ାଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ସହ ରନ୍ତା ଗ୍ରାମର ୩୩ ଜଣ ହିତାଧିକାରୀଙ୍କ ପାଇଁ ନିର୍ମାଣ କରାଯାଇଥିବା ପକ୍କା ଘର ହସ୍ତାନ୍ତର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ବଣାଇ ଡିଏଫଓ ସନତ କୁମାର, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ଶୁକମତୀ ନାଏକ, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ ଏବଂ ଲହୁଣୀପଡ଼ା ବିଡିଓ ଧନାଇଚରଣ ଟୁଡୁଙ୍କ ସହିତ ଡିଏମଏଫର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜୁହାର ପରିବାର ଓ ଉକିଆ ମିଳିତ ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ସାଢ଼େ ୬ଟା।

# ସିସିଟିଭି ଫୁଟେଜରୁ ମିଳିଲା ସୁରାକ

## ଡକାୟତି ଘଟଣାର ପର୍ଦ୍ଦାଫାଶ

■ ବାଇକ୍, କାର୍ ଓ ନଗଦ ଟଙ୍କା ଜବତ, ୭ ଗିରଫ

ସମ୍ବଲପୁର,୧୧।୬ (ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଧନକଉଡ଼ାର ତିଳକ ଡାଲମିଆଙ୍କ ଗ୍ରୋସେରି ଦୋକାନରୁ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁର୍ବୃତ୍ତଙ୍କ ସୁରାକ ପାଇଥିଲା। ୩ ଜଣ ଫେରାର ହୋଇଯାଇଥିବା ବେଳେ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୋଟିଏ କାର୍, ୫ଟି ମୋବାଇଲ୍ ଫୋନ୍, ୫ଟି ବାଇକ୍, ନଗଦ ୩୦ ହଜାର ଟଙ୍କା ଜବତ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍.ପି. ବି. ଗଙ୍ଗାଧର ଏସ୍‌ପି ଅଫିସ ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଘେନୁପାଲି ଗ୍ରାମର ଅର୍ଜୁନ କୁମୁରା, ଧନକଉଡାର ସାଗର ମୁଣ୍ଡା, ଖଲିଆପାଲି ଗ୍ରାମର କିପେ ରନବିଡା, ସିନ୍ଦୂରପଙ୍କ ଗ୍ରାମର ଶମ୍ଭୁ ଠାକୁର, କ୍ଷେତରାଜପୁର ଥାନାର ପ୍ରବୀଣ କୁମାର ସା, ଯୁଯୁମୁରା ଥାନା ପାବପାଳି ଗ୍ରାମର ଆଶୋକ କୁମରା ଓ ଠେଲକୋଲି ଥାନା ଗୁମକର୍ମାର ବଲାରାମ କିଷାନ। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୨/୨୨) ରୁଜୁ ହୋଇଛି।

ସୂଚନାଯୋଗ୍ୟ ଗତ ୩ତାରିଖରେ ଅଭିଯୁକ୍ତମାନେ ଧନକଉଡ଼ା ନିକଟ ସିଟି ରେଲଷ୍ଟେଶନ୍‌ଠାରେ ଏକତ୍ରିତ ହୋଇ ଡକାୟତି ଯୋଜନା କରିଥିଲେ। ସେହିଦିନ ଅପରାହ୍ନରେ ୭ଜଣ ତିଳକଙ୍କ ଗ୍ରୋସେରି ଦୋକାନ ଭିତରକୁ ପଶିଥିବା ବେଳେ ଅନ୍ୟ ୩ଜଣ ବାହାରେ ପହରା ଦେଉଥିଲେ। ଅଭିଯୁକ୍ତମାନେ ସେ ସମୟରେ ଦୋକାନରେ ଥିବା ତିଳକଙ୍କ ବାପା ଶ୍ୟାମସୁନ୍ଦର ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି କ୍ୟାଶ୍ କାଉଣ୍ଟରରୁ ନଗଦ ୧ଲକ୍ଷ ଟଙ୍କା ସହ ଏକ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ଏ ନେଇ ତିଳକ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଅନୀତା ପଧାନ, ଏସ୍‌ଆଇ ସଂଗ୍ରାମ କେଶରୀ ଜେନା, ଟିକୋଚାନ୍ଦ କକୁଆ, ଧର୍ମେନ୍ଦ୍ର ଭୁଏ, ଶୁଭସ୍ମିତା ରାୟ, ସଞ୍ଜୟ ରାଉତରାୟ, ଏଏସ୍‌ଆଇ ମହମ୍ମଦ ଜାହାଙ୍ଗୀର, ସାଇବର ସେଲ ଅଧିକାରୀ ବିନୋଦ କୁମାର ସାହୁଙ୍କୁ ନେଇ ଟିମ୍ କରାଯାଇଥିଲା। ଅଭିଯୁକ୍ତ ଅର୍ଜୁନ କୁମୁରା, ଅଶୋକ କୁମୁରା, ସାଗର ମୁଣ୍ଡା ଓ ପ୍ରବୀଣ କୁମାର ସାଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଅଭିଯୁକ୍ତମାନେ।

## ଭ୍ୟାନ୍ ସହ ଚୋରା କେନ୍ଦୁପତ୍ର ଜବତ



ରେଢ଼ାଖୋଲ,୧୧।୬ (ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡର ଚାରମାଳ ରେଞ୍ଜ ଅଧୀନ ସାନ ନୂଆପଡା ହାଇସ୍କୁଲ ନିକଟରୁ ଶୁକ୍ରବାର ରାତିରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଏକ ପିକ୍‌ଅପ୍ ଭ୍ୟାନ (ଓଆର୍୧୫ପି-୨୪୩୧)କୁ ବନ କର୍ମଚାରୀ ଜବତ କରିଛନ୍ତି। ଭ୍ୟାନରୁ ୧୬୫ ବିଡା ଚୋରା କେନ୍ଦୁପତ୍ର ଜବତ ହୋଇଥିବା ବେଳେ ଚୋରା ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଚୋରା ଚାଲାଣ ହେଉଥିବା ଡିଏଫ୍‌ଓ ସୂଚନା ପାଇ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ, ଫରେଷ୍ଟର ବିଜୟ ବିଶ୍ୱାଳ, ପ୍ରବିଣ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ରାଉରକେଲା ଅଫିସ,୧୧।୬: ସାପ କାମୁଡାରେ ରାଉରକେଲା ଟାଙ୍ଗରପାଲି ଥାନା ଅଧୀନ ଫର୍ଟିଲାଇଜର ଗୋପବନ୍ଧୁ ନଗର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଗୋପବନ୍ଧୁ ନଗରର ବିଷ୍ଣୁ ଚରଣ ରଏ(୨୮)। ଟାଙ୍ଗରପାଲି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯।୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ବିଷ୍ଣୁଚରଣ ଶୁକ୍ରବାର ରାତିରେ ଖାଇସାରି ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ବାମଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ସାଢ଼େ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଦେଶୀ ବନ୍ଧୁକ ଜବତ, ଯୁବକ ଗିରଫ

ରାଉରକେଲା ଅଫିସ,୧୧।୬: ରାଉରକେଲା ସେକ୍ଟର-୧୫ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମଲ୍ଲିକ ବସ୍ତିର ସୟଦ ସୈଫ ଅଲ୍ଲୀ(୨୯)। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେକ୍ଟର-୧୬ ମଲ୍ଲିକ ବସ୍ତିର ଅଲ୍ଲୀ ଶୁକ୍ରବାର ବିଳମ୍ବିତ ରାତିରେ ଦେଶୀ ବନ୍ଧୁକ ଧରି ସେକ୍ଟର-୧୫ ସ୍ଥିତ ଏକ ମଦ ଦୋକାନ ଦେଇ ଯାଉଥିଲେ। ଏହି ସମୟରେ ନାଇଟ୍ ପାଟ୍ରୋଲିଂ କରୁଥିବା ପୋଲିସ ଭ୍ୟାନ ଉକ୍ତ ଯୁବକକୁ ଅଟକାଇଥିଲା। ସେ ଫେରାର ହେଉଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏ ନେଇ ଏକ ମାମଲା (ନଂ.୫୭।୨୨) ରୁଜୁ ହୋଇଛି।

### ଉତ୍କଳ ବିକାଶ ପରିଷଦର ଶୋକସଭା

ସମ୍ବଲପୁର,୧୧।୬(ବ୍ୟୁରୋ): ଉତ୍କଳ ବିକାଶ ପରିଷଦ କ୍ଷତ୍ରୀୟ ଖଣ୍ଡାୟତ ମହାସଭା ବୁର୍ଲା ଶାଖା ପକ୍ଷରୁ ବିଜେଡି ନେତା ଶିଶିର ଦଣ୍ଡିଆଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭରତ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସଭ୍ୟ ଓ କର୍ମକର୍ତ୍ତା ଶିଶିରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ଶିଶିର ମହାସଭାର ଉପସଭାପତି ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ତାଙ୍କ ଆବର୍ତ୍ତମାନରେ ମହାସଭା ଜଣେ ଦକ୍ଷ ବ୍ୟକ୍ତିଙ୍କୁ ହରାଇଛି ବୋଲି ମତ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ବାରିକ, ସୁଧିର କୁମାର ପଶାୟତ, ପ୍ରଦୀପ କୁମାର ନାଏକ, ବିନୟ ନାଏକ, ସୁଧାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାସଭାର ସମସ୍ତ ସଭ୍ୟ ତାଙ୍କ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ବସ୍ତିବାସିନ୍ଦାଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା ଅଫିସ,୧୧।୬

ଆରଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ଇସ୍ପାତ ଜେନେରାଲ ହସ୍ପିଟାଲ ସହଯୋଗରେ ରାଉରକେଲା ଅଞ୍ଚଳରେ ଥିବା ବସ୍ତିବାସିନ୍ଦାଙ୍କ ପାଇଁ ସେକ୍ଟର-୬ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଆଇଜିଏଚ୍ ମେଡିସିନ ବିଭାଗର ବିଶେଷଜ୍ଞ ଡାକ୍ତର ଏନ୍. ପ୍ରିୟଦର୍ଶିନୀ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲଲି ଖାଡିଆ ରକ୍ତ ପରୀକ୍ଷଣ ଓ ଫାର୍ମାସିଷ୍ଟ ଧନେଶ୍ୱର ସ୍ୱାଇଁ ରୋଗୀମାନଙ୍କୁ ଔଷଧ ବିତରଣ କରିଥିଲେ। ଶିବିରରେ କଲ୍ୟାଣ ବସ୍ତି, ମହିମା ବସ୍ତି ଭଳି ବିଭିନ୍ନ ବସ୍ତିର ଶତାଧିକ ଲୋକ ଉପକୃତ ହୋଇଥିଲେ।

## ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ହିଣ୍ଡାଲ୍‌କୋ ପ୍ରତିବଦ୍ଧ

ସମ୍ବଲପୁର,୧୧।୬ (ବ୍ୟୁରୋ)

ସମ୍ବଲପୁର ଆଦିତ୍ୟ ବିର୍ଲା ଗ୍ରୁପ (ହିଣ୍ଡାଲ୍‌କୋ) ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିବଦ୍ଧ। ଗୋଷ୍ଠୀ ନିୟୋଜନ କାର୍ଯ୍ୟକ୍ରମ, ବିବିଧ ସ୍ୱାସ୍ଥ୍ୟସେବା ଦ୍ୱାରା ଅଞ୍ଚଳର ୧୨ ଗ୍ରାମର ପ୍ରାୟ ୧୪,୦୦୦ ଲୋକ ଉପକୃତ ହୋଇପାରିଛନ୍ତି। ଶନିବାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ଏହା କହିଛନ୍ତି। ଏହି ଅବସରରେ ହୀରାକୁଦର ଲରପଙ୍କ ଗ୍ରାମରେ ୩ଟି ବୃହତ୍ ମଲଟିସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ୧୫୦୦ ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଜିଲା ହସ୍ପିଟାଲ ଓ ଭିମ୍‌ସାରରେ ରକ୍ତଦାନ ଶିବିର କରାଯାଇ ଯଥାକ୍ରମେ ୩୦୪ ଓ ୨୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ଉପସ୍ଥିତ ରହି ହିଣ୍ଡାଲ୍‌କୋର ପ୍ରୟାସକୁ ପ୍ରଶଂସା କରିଥିଲେ। କ୍ଲଷ୍ଟର ମୁଖ୍ୟ କହିଥିଲେ, ଜିଲାରେ ଶିବିର କରାଯାଇ ବରିଷ୍ଠ ନାଗରିକଙ୍କ ୧୫୦ ଚକ୍ଷୁ ପ୍ରଯତ୍ନକାରୀ ଅସ୍ତ୍ରୋପଚାର ହୋଇଛି। ଗତ ୩ବର୍ଷ ମଧ୍ୟରେ ହୀରାକୁଦ ହସ୍ପିଟାଲରେ ୩୦୦ରୁ ଅଧିକ ସ୍ପେଶାଲିଷ୍ଟ ଓପିଡି କ୍ଲିନିକ ଆୟୋଜନ କରାଯାଇଛି ବୋଲି କହିଥିଲେ। ଡା. ଭରତ ଦାଶ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଥିଲେ, କୋଭିଡ୍ ଦ୍ୱିତୀୟ ଓ ତୃତୀୟ ଲହର ସମୟରେ ହିଣ୍ଡାଲ୍‌କୋ ୫୦ ଜମ୍ବୋ ସିଲିଣ୍ଡର, ୨୦ ଅକ୍ସିଜେନ କନସେଣ୍ଟ୍ରେଟର, ୪୦୦୦ ଆଣ୍ଟିଜେନ କିଟ, ୧୦୦ ପିପିଇ କିଟ, ୫ ଆଇସିୟୁ ଶଯ୍ୟା, ୧୧ ଆମ୍ବୁଲାନ୍ସ, ୪ଟି ବୋଲେରୋ ଯୋଗାଇଦେଇଥିଲା। ଏଚ୍‌ଆର୍ ମୁଖ୍ୟ କ୍ରିଷ୍ଣା ପାଢୀ, ଡା. ସୁବ୍ରତ ଚାଟାର୍ଜୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


କାର୍ଯ୍ୟକ୍ରମରେ ଏସ୍‌ପି ବି. ଗଙ୍ଗାଧର ଓ ଅନ୍ୟମାନେ।

## ସୁଶାସନ, ଗରିବ କଲ୍ୟାଣ ଉପରେ ଆଲୋକପାତ

ରାଉରକେଲା ଅଫିସ,୧୧।୬

ରାଉରକେଲା ବାଲୁଘାଟ ସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସିଭିଲ ଟାଉନଶିପ୍ ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଗତ ୮ବର୍ଷ ଧରି ମୋଦି ସରକାରଙ୍କ ଶାସନ କାଳ ଭିତରେ ଜନଧନ ଯୋଜନାଠାରୁ ଆରମ୍ଭ କରି କରୋନା କାଳରେ ୮୦ କୋଟି ଗରିବ ଲୋକଙ୍କୁ ବିନା ମୂଲ୍ୟରେ ଖାଦ୍ୟ ସାମଗ୍ରୀ ବିତରଣ, ମାଗଣା କରୋନା ଟିକା ପ୍ରଦାନ ଭାଜପା ସରକାରର ବଡ଼ ପଦକ୍ଷେପ ବୋଲି ଏମ୍‌ପି ଓରାମ କହିଥିଲେ। ଜିଲା ସାଧାରଣ ସମ୍ପାଦକ ମଳୟ ମହାପାତ୍ର, ପ୍ରବାଳ ରଞ୍ଜନ ବାରିକ, ମନୋରଞ୍ଜନ ମୁନୀ, ରାଜୁ ମାହାଲିକ, ସୁବାଷ ବଢ଼ାଇକ, କିଶୋର ଲାକ୍ରା, ଜୟନ୍ତୀ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଲିଙ୍ଗ ନିରୂପଣ ନିଷେଧ ଆଇନ ଉପଦେଷ୍ଟା ମଣ୍ଡଳୀ ବୈଠକ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଝାରସୁଗୁଡ଼ା ଅଫିସ,୧୧।୬

ଲିଙ୍ଗ ନିରୂପଣ ନିଷେଧ ଆଇନ ୧୯୯୪ ଜିଲା ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସରୋଜ କୁମାର ସାମଲ ଯୋଗଦେଇ ଏହି ଆଇନ କଡ଼ାକଡ଼ି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଯାଞ୍ଚ ସହ ଲିଙ୍ଗ ନିରୂପଣ କେସ୍ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ମାସ ୧୫ତାରିଖ ସୁଦ୍ଧା ଲିଙ୍ଗ ନିରୂପଣ ସମ୍ପର୍କିତ ଏକ ଅଭିଯୋଗ ବାକ୍ସ ସ୍ଥାପନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଲିଙ୍ଗ ନିରୂପଣ ନିଷେଧ ଆଇନର ଫଳପ୍ରଦ କାର୍ଯ୍ୟାନ୍ୱୟନ୍, ଅଲଟ୍ରାସାଉଣ୍ଡ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ, କୋର୍ଟ କେସ ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା।

## ଟିକାକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ

### ଗଣମାଧ୍ୟମ ସହଯୋଗର ଆବଶ୍ୟକତା ରହିଛି

ସମ୍ବଲପୁର,୧୧।୬(ବ୍ୟୁରୋ)

ଶିଶୁମାନଙ୍କ କୋଭିଡ୍ ଟିକାକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍ ଓଡ଼ିଶା ମିଳିତ ଭାବେ ଭର୍ଚୁଆଲରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ପିଲାମାନଙ୍କ କୋଭିଡ୍ ଟିକାକରଣରେ ଗଣମାଧ୍ୟମ ସହଯୋଗର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଟିକାକରଣ ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରତିଭା ପ୍ରଧାନ, ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆର୍‌ଆଇ ଡ. ଶଶୀଭୂଷଣ ପଣ୍ଡା, ସମ୍ବଲପୁର ଏଡିପିଏଚ୍‌ଓ ଏଫ୍‌ଡବ୍ଲ୍ୟୁ ଡ. ଭରତ ଚନ୍ଦ୍ର ଦାସ, ମାଲକାନଗିରିର ଏଡିପିଏଚ୍‌ଓ ଏଫ୍‌ଡବ୍ଲ୍ୟୁ ଡ. ଶଶୀଭୂଷଣ ମହାପାତ୍ର ଓ ୟୁନିସେଫ୍‌ର ଡ. ଅନିଲ୍ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇଥିଲେ। ୟୁନିସେଫ୍ ଓଡ଼ିଶାର ଡ. ପଟ୍ଟନାୟକ ଏହି ପ୍ୟାନେଲ ଆରମ୍ଭ କରି ପିଲାମାନଙ୍କ କ୍ଷେତ୍ରରେ ଟିକାକରଣର ଗୁରୁତ୍ୱ ଓ ଏ ବିଷୟରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ବିଷୟରେ କହିଥିଲେ। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୯.୫ଲକ୍ଷ ଗର୍ଭବତୀ ମହିଳା ଓ ୮ ଲକ୍ଷ ନବଜାତ ଶିଶୁଙ୍କୁ ଟିକାକରଣ କରାଯାଇଥାଏ। ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ଦ୍ୱାରା ୧୨ଟି ରୋଗ ଯଥା ଯକ୍ଷ୍ମା, ହେପାଟାଇଟିସ୍ ବି, ପୋଲିଓ, ଡିପ୍‌ଥେରିଆ, ପର୍ଟୁସିସ୍, ଟିଟାନାସ, ହେମୋଫିଲସ୍, ଡାଇରିଆ, ନିମୋକୋକାଲ, ମିଳିମିଳା, ଜର୍ମାନ ମିଳିମିଳା, ଜାପାନୀ ଜ୍ୱରର ଚିକିତ୍ସା ଉପରେ ଲାଭ ମିଳିଥାଏ। ସମ୍ବଲପୁରର ଡ. ଦାସ କହିଥିଲେ, ନିୟମିତ ଟିକାକରଣ ହେଉ କିମ୍ବା କୋଭିଡ ଟିକାକରଣରେ ଏହି ଜିଲା ଅତୁଳନୀୟ ସଫଳତା ହାସଲ କରିଛି। ଆଗାମୀ ଦିନରେ ଗଣମାଧ୍ୟମରୁ ସମାନ ସମର୍ଥନ ଆଶା ରହିଛି। ଶୀଘ୍ର ୧୦୦% ଟୀକାକରଣ ନିଶ୍ଚିତ ହେବ। ମାଲକାନଗିରି ନିୟମିତ ଟିକାକରଣରେ ୯୪.୮% ସଫଳତା ହାସଲ କରିଛି। ଡାକ୍ତର ମହାପାତ୍ର କହିଥିଲେ, ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା। ତଥାପି ସବୁ ଦିଗରେ ସଫଳତା ଭଲ ରହିଛି।

## ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ବଣ୍ଟନ

କୁତ୍ରା, ୧୧।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପ୍ରଶାସନ ପକ୍ଷରୁ ଖତକୁରବାହାଲ ପଞ୍ଚାୟତଠାରେ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଶନିବାର ସକାଳେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠି ଖତକୁରବାହାଲ ଗ୍ରାମର ୫ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି। ତାଙ୍କ ସହିତ ଖତକୁରବାହାଲ ସରପଞ୍ଚ ଝାଡ଼ି ଧନୱାର, ସମିତି ସଭ୍ୟା ପୁଷ୍ପା ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଓ ସମିତି ସଭ୍ୟାଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇଛି ବୋଲି କହିଥିଲେ ବିଡିଓ। ଆଗକୁ ଭିନ୍ନକ୍ଷମଙ୍କ ଘରକୁ ଘର ଯାଇ କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ। ଭିନ୍ନକ୍ଷମ ହ୍ୱିଲ ଚେୟାର ପାଇ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

## ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା

### ସମ୍ବଲପୁର, ରେଢ଼ାଖୋଲରେ ରୋହିତଙ୍କୁ ସମ୍ବର୍ଦ୍ଧନା


ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସ୍ୱାଗତ କରାଯାଉଛି ।

ସମ୍ବଲପୁର/ରେଢ଼ାଖୋଲ,୧୧।୬ (ବ୍ୟୁରୋ/ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନୂତନ ମନ୍ତ୍ରୀ ମଣ୍ଡଳରେ ସମ୍ବଲପୁର ଜିଲାକୁ ସ୍ଥାନ ମିଳିଛି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ଜିଲାବାସୀ ବେଶ୍ ଖୁସି ଥିବା ଜଣାପଡ଼ିଛି। ଶନିବାର ମନ୍ତ୍ରୀ ହେବାପରେ ପୂଜାରୀ ପ୍ରଥମ କରି ସମ୍ବଲପୁର ଗସ୍ତ କରିଥିବାବେଳେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଦଳୀୟ ନେତା ଓ କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନ, ସାମାଜିକ କର୍ମୀ ସାମିଲ ଥିଲେ। ଧନୁପାଲି ଛକରେ ଜିଲା ବିଜେଡି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସମୟରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଉପସଭାପତି ଆଶୋକ ମହାକୁଡ, ସୁଶାନ୍ତ ପାଣିଗ୍ରାହୀ, ଶିଶିର ମହାନ୍ତି, ଉର୍ମିଳା ପଣ୍ଡା, ମିତାଲି ସାହୁ, ଦିନେଶ ସେଠ, ସତିଶ ବିଶି, ମନୋଜ ମହାପାତ୍ର, ନିଶାନ୍ତ ବହିଦାର, ଅମିତାଭ ପରିଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ବାଇକ୍ ଶୋଭାଯାତ୍ରାରେ ମନ୍ତ୍ରୀ ସହର ପରିକ୍ରମା କରି ଶେଷରେ ମା' ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମାନେଶ୍ୱର, ଧନୁପାଲି, ଗୋବିନ୍ଦଟୋଲା, ଜେଲଛକ, ବୁଡାପଡା, ଜିଲା ସ୍କୁଲଛକ, କାଳିବାଡି ଛକ, ସାହୁ କଲୋନୀ, ମୁଦିପଡା, କୁଞ୍ଜେଲପଡାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ପୂଜାରୀ କହିଥିଲେ, ଗୁରୁ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ସମ୍ବଲପୁର ସହିତ ରାଜ୍ୟର ବିଭିନ୍ନ କଲେଜର ସର୍ବାଙ୍ଗୀନ ଉନ୍ନତି ନେଇ କାମ କରିବି। ରାଜ୍ୟ ସରକାରଙ୍କ ୫-ଟି ଯୋଜନା କିଭଳି ଭାବେ ଲାଗୁ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରିବି। ରେଢ଼ାଖୋଲଠାରୁ ସମ୍ବଲପୁର ସହର ପର୍ଯ୍ୟନ୍ତ ଜିଲାବାସୀ ଆଜି ଦେଇଥିବା ଭଲ ପାଇବା ଅଭୁଲା ହୋଇ ରହିଯିବ।

## ଭଙ୍ଗା କୁଡ଼ିଆରେ ଜୀବନ

### ଆବାସ ଯୋଜନା ସାତସପନ

ନାକଟିଦେଉଳ,୧୧।୬(ଡ଼ି.ଏନ.ଏ.)

ରାଜ୍ୟସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହି ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଆବାସ ଯୋଜନାରେ ଘର ମିଳି ନ ଥିବାରୁ ଲୋକେ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡ଼ଇଁଚା ପଞ୍ଚାୟତରେ।

ତିଲେଇମାଲ ଗ୍ରାମର ବାସିନ୍ଦା ହେଉଛନ୍ତି ରବି ନାଏକ। ବୟସ ପାଖାପାଖି ୫୫ ହେବ। ମା'ବାପା ଆରପାରିକୁ ଚାଲିଯାଇଥିବାବେଳେ ସେ ଅବିବାହିତ। ଭଲ ଘର ଖଣ୍ଡିଏ ନ ଥିବାରୁ ଏକ ଝାଟିମାଟି କୁଡ଼ିଆରେ ସେ ଏକାକୀ ରହୁଛନ୍ତି। ପର ଘରେ ମୂଲ ଲାଗି କଷ୍ଟେମଷ୍ଟେ ପେଟକୁ ଦାନା ମୁଠାଏ ଯୋଗାଡ଼ କରିଦେଉଛନ୍ତି। ଝାଟିମାଟି ଘରର ଚାଳ ଛପର ଉଡ଼ିଯାଇଥିବାରୁ ବର୍ଷାଦିନେ ପାଣି ଘର ଭିତରେ ପଡୁଛି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଦୀର୍ଘବର୍ଷ ହେଲା ବିଡ଼ିଓଙ୍କଠାରୁ ଆରମ୍ଭ କରି ସରପଞ୍ଚଙ୍କୁ ନେହୁରା ହୋଇଥିଲେ ମଧ୍ୟ ମିଳିପାରି ନ ଥିବା ସେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ନିକଟସ୍ଥ ମାଝିପାଳ ଗ୍ରାମର କେଦାର ହାଁସଦାଙ୍କ ମଧ୍ୟ ସମାନ ଅବସ୍ଥା। ଗରିବ ଶ୍ରେଣୀର କେଦାର ପରିବାର ପ୍ରତିପୋଷଣ ପାଇଁ ବାହାରକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଝାଟିମାଟିର ଚାଳ ଘରେ ସ୍ତ୍ରୀ ଓ ପିଲା ଛୁଆ ରହିଛନ୍ତି। ଗତ ମାସରେ ହୋଇଥିବା କାଳବୈଶାଖୀରେ ଏହି ଘରୁ ଛାଉଣୀ ଉଡ଼ିଯାଇଥିବାରୁ ସେମାନେ ବହୁ କଷ୍ଟରେ ରହୁଛନ୍ତି। ଏ ସମ୍ପର୍କରେ ଡ଼ଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ନୂଆକରି ସରପଞ୍ଚ ହୋଇଥିବାରୁ ଏ ଖବର ଜାଣିନାହିଁ। ତଥାପି ଏହାର ତଦନ୍ତ କରି ଯଦି ସେମାନେ ଯୋଗ୍ୟ ତା'ହେଲେ ପ୍ରଶାସନ ସହିତ ଆଲୋଚନା କରି ଆବାସ ଯୋଜନାରେ ଘର ଯୋଗାଇଦେବା ଦିଗରେ ପଦକ୍ଷେପ ନେବି।


ଘର ଆଗରେ କେଦାରଙ୍କ ପରିବାର।


ଭଙ୍ଗାଘର ସାମ୍ନାରେ ରବି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୨ ଜୁନ୍, ୨୦୨୨

## ପ୍ରାକ୍ ମୌସୁମୀ ବର୍ଷା ଗାଏବ, ଚିନ୍ତାରେ ଚାଷୀ

ପଦ୍ମପୁର,(ଡି.ଏନ.ଏ.): ଚଳିତବର୍ଷ ପ୍ରାକ୍ ମୌସୁମୀ ବର୍ଷାର ଦେଖାନାହିଁ। ବର୍ଷା ନ ଥିବା ଯୋଗୁ ପଦ୍ମପୁର ଅଞ୍ଚଳର ଚାଷୀ ଜମିରେ ହଳ କରିନାହାନ୍ତି। ଅପ୍ରେଲ, ମେ, ଜୁନ ମାସରେ ବୁନ୍ଦାଟିଏ ବି ବର୍ଷା ହୋଇନାହିଁ। ଫଳରେ ଚାଷୀମାନେ ଜମିରେ ପ୍ରାକ୍ ପ୍ରସ୍ତୁତି କରିପାରିନାହାନ୍ତି। ଅକ୍ଷୟ ତୃତୀୟାରେ ଅଖିମୁଠି ଛୁଇଁ ଚାଷୀ ବର୍ଷାକୁ ଚାତକ ଭଳି ଚାହିଁ ରହିଛି। ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଥିବାରୁ ଅଞ୍ଚଳର ଚାଷୀ ଚିନ୍ତାରେ ପଡିଛନ୍ତି।



## ସଂକ୍ଷେପରେ

### ଫାଇନାନ୍ସ କମ୍ପାନୀ ଟଙ୍କା ହେରଫେର ଅଭିଯୋଗ

ଲାଠୋର,୧୧।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମରେ କାର୍ଯ୍ୟ କରୁଥିବା ଭାରତ ଫାଇନାନ୍ସ ପ୍ରାଇଭେଟ ଲିମିଟେଡ଼ରେ ଲକ୍ଷାଧିକ ଟଙ୍କା ହେରଫେର କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ କମ୍ପାନୀ ୟୁନିଟ ମ୍ୟାନେଜର ଧର୍ମେନ୍ଦ୍ର ବେହେରା ଲାଠୋର ଥାନାରେ ଅଭିଯୋଗ କରିଛନ୍ତି। ୨୦୦୭ ମସିହାରୁ ସମ୍ପୃକ୍ତ କମ୍ପାନୀ ଲାଠୋର, ଖପ୍ରାଖୋଲ, ହରିଶଙ୍କର ଅଞ୍ଚଳରେ କାମ କରୁଛି। ୨୦୧୮ରେ ଲାଠୋରରେ ଏକ ବ୍ରାଞ୍ଚ ଖୋଲିଥିଲା। ଏହି ବ୍ରାଞ୍ଚ ଅଧୀନରେ ୧୩୯ଟି ସେଣ୍ଟର ଗଠନ କରି ୩୮୭୭ମହିଳାଙ୍କୁ ୨୦ରୁ ୨୫ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଋଣୀ ମାନଙ୍କଠାରୁ ସାପ୍ତାହିକ ଏବଂ ମାସିକ ବ୍ରାଞ୍ଚ ଋଣ ପରିଶୋଧ ନେଉଛି। ପ୍ରଥମେ ଋଣ ପରିଶୋଧ ଟଙ୍କା ଠିକ୍ ଭାବେ ବ୍ରାଞ୍ଚକୁ ଆସୁଥିଲା। ହେଲେ ଅଗଷ୍ଟ ୨୦୨୧ରୁ ଋଣୀଙ୍କଠାରୁ ଋଣ ପରିଶୋଧ ଟଙ୍କା ସମୟରେ ନ ଆସିବାରୁ ଉପରିସ୍ଥ ଅଧିକାରୀ ସନ୍ଦେହ କରି ବ୍ରାଞ୍ଚ ମ୍ୟାନେଜରଙ୍କୁ ପଚାରିଥିଲେ। ସଂଘ ମ୍ୟାନେଜରଙ୍କ ଉପରେ ୮ ଲକ୍ଷ ୫୦ ହଜାର ୪୬୭ ଟଙ୍କା ରହିଛି ବୋଲି ବ୍ରାଞ୍ଚ ମ୍ୟାନେଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଉଭୟଙ୍କୁ ଉପରିସ୍ଥ ଅଧିକାରୀ ଏକାଠି କରି ତଦନ୍ତ କରିବାରୁ ଦୁହେଁ ଦୁହିଁଙ୍କୁ ଦୋଷାରୋପ କରିଥିଲେ। ହେଲେ ପ୍ରକୃତରେ କିଏ ଦୋଷୀ ଜଣା ନ ପଡ଼ିବାରୁ ୟୁନିଟ ମ୍ୟାନେଜର ଲାଠୋର ଥାନାକୁ ଘଟଣା ବିଷୟରେ ଜଣାଇଥିଲେ। ଅଡ଼ିଟ ପରେ ଦୋଷୀ କର୍ମଚାରୀଙ୍କ ବିରୋଧରେ ଏତଲା ଦେବାକୁ ପୋଲିସ କହିଥିବା ୟୁନିଟ ମ୍ୟାନେଜର ପ୍ରକାଶ କରିଛନ୍ତି। ଏନେଇ ଡ଼ିଭିଜନାଲ ମ୍ୟାନେଜର ପ୍ରଶାନ୍ତ ମିଶ୍ରଙ୍କୁ ପଚାରିବାରୁ ପ୍ରାଥମିକ ତଦନ୍ତରେ ୧୫୦ ଜଣ ମହିଳାଙ୍କ ଟଙ୍କା ହେରଫେର ହୋଇଥିବା ଜଣା ପଡ଼ିଛି। ଅଡିଟ ପରେ ହେରଫେର ନେଇ ସମ୍ପୂର୍ଣ୍ଣ ତଥ୍ୟ ଜଣା ପଡ଼ିବ ବୋଲି କହିଥିଲେ।

### ଦଳିତ ନେତାଙ୍କ ପରଲୋକ

ବରପାଲି,୧୧।୬(ଡି.ଏନ.ଏ.): ଦଳିତ ନେତା ତଥା ଶିକ୍ଷକ ସୂର୍ଯ୍ୟ କୁମାର ଗଡତୀୟାଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ବରପାଲି ସ୍ଥିତ ବାସଭବନରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତଖାନାରେରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ମରଶରୀର ଶନିବାର ବରପାଲି ସ୍ଥିତ ବାସଭବନକୁ ଅଣାଯିବା ପରେ ଏକ ଶୋଭାଯାତ୍ରାରେ ସ୍ୱର୍ଗଦାରକୁ ନେଇ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ତାଙ୍କ ମୃତ୍ୟୁରେ ବରପାଲି ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ଉପ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଈଶ୍ୱର ନାଗ, ବରପାଲି ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘ ସଭାପତି ସୁଦର୍ଶନ ସୁନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସୂର୍ଯ୍ୟ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଠେମରା ପଞ୍ଚାୟତ କଇଁରପୁରା ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ ବରଗଡ଼ ଜିଲା ଏସ୍‌ସି ଏସ୍‌ଟି ସଂଘର ଜିଲା ସଭାପତି ତଥା ବରପାଲି ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘର ଉପଦେଷ୍ଟା ଥିଲେ। ଦଳିତମାନଙ୍କ ହକ୍ ପାଇଁ ସେ ବିଭିନ୍ନ ସମୟରେ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ରୋଜଗାର ଦେଉଛି ନିମ୍ବ ଫଳ

କୋକସରା,୧୧।୬(ଡି.ଏନ.ଏ.)

ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର ବଣ ପାହାଡ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଗ୍ରାମାଞ୍ଚଳର ଲୋକେ ବସନ୍ତ ଋତୁରେ ମହୁଲ ଫୁଲ ସଂଗ୍ରହ କରି ବେଶ କିଛି ପଇସା ରୋଜଗାର କରିଥାନ୍ତି। ସେହିପରି ଗ୍ରୀଷ୍ମ ଋତୁ ଆସିଲେ ନିମ୍ବଫଳ ସଂଗ୍ରହ କରିବାରେ ଲାଗି ପଡନ୍ତି ଜଙ୍ଗଲ ତଳି ଗାଁଗୁଡିକର ଲୋକେ। ଟାଣ ଖରାକୁ ଏମାନେ ଖାତିର ନ କରି ନିମ୍ବଫଳ ଗୋଟାଇବାରେ ଲାଗିଥାନ୍ତି। କହିବାକୁ ଗଲେ ଗରିବ ପରିବାରକୁ ବେଶ କିଛି ଦିନ ପାଇଁ ରୋଜଗାର ଦେଉଛି ନିମ୍ବଫଳ। କୋକସରା ବ୍ଲକର କାଉଡୋଲା, ବଡପୋଡାଗୁଡା, ଆମପାଣି, ବରାଡଙ୍ଗା, ଡୁଡୁକାଠେଙ୍ଗା, ଗୋତମୁଣ୍ଡା, ମହିମା, ଟେମରା, ସାନ ପୋଡାଗୁଡା, ଖୁଣ୍ଟିଆ ପଞ୍ଚାୟତ ଅଞ୍ଚଳର ଚାଷ ଜମି ହୁଡା, ପଡିଆ ଓ ଦୂର ଜଙ୍ଗଲବର୍ତ୍ତୀ ଅଞ୍ଚଳରେ ଥିବା ନିମ୍ବଗଛ ତଳେ ସକାଳୁ ସକାଳୁ


ବିକ୍ରି ପାଇଁ ଗୋଟା ଯାଇଥିବା ନିମ୍ବଫଳ।

ମହିଳାମାନେ ନିମ୍ବଫଳ ଗୋଟାଇବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି। ସେମାନେ ଏହି ଫଳ ଗୋଟାଇ ଆଣି ଟାଣ ଖରାରେ ଶୁଖାଇ ପରେ ବିକ୍ରି କରିଥାନ୍ତି। ନିମ୍ବ ଫଳର ଔଷଧୀୟ ଗୁଣ ଥିବାରୁ ଏହାର ବେଶ ଚାହିଦା ରହିଛି। ଏହି ଗଛର ପ୍ରତ୍ୟେକ ଅଂଶ ଯଥା ପତ୍ର, ଫୁଲ, ଫଳ, ଛାଲି ଏବଂ ଶାଖା ଆଦି ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏଥିପାଇଁ ବେପାରୀମାନେ ଏବେ ଗାଁ ଗାଁ ବୁଲି ନିମ୍ବଫଳ ସଂଗ୍ରହ କରୁଥିବା ନଜରକୁ ଆସୁଛି। ସାମୟିକ ଭାବେ କିଛି ଦିନର ରୋଜଗାର ଦେଉଥିବା ନିମ୍ବଫଳକୁ ମହିଳାମାନେ ଚିନି, ଲୁଣ କିମ୍ବା ସାବୁନ ଆଦି ସାମଗ୍ରୀ ପାଇଁ ଦଲାଲ ହାତରେ ଟେକି ଦେଉଥିବା ଜଣାପଡିଛି। ଲଘୁ

### ଚିନି, ଲୁଣ, ସାବୁନ ନେଇ ବିକୁଛନ୍ତି ନିମ୍ବଫଳ

ବନଜାତ ଦ୍ରବ୍ୟ ଶ୍ରେଣୀରେ ଆସୁଥିବା ଏହି ଫଳ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନାହିଁ। କେବଳ କେତେକ ବେପାରୀ ଏହି ଫଳକୁ କିଣି ରାଜ୍ୟ ବାହାରକୁ ରପ୍ତାନି କରିଥାନ୍ତି। ସେମାନେ ନିମ୍ବଫଳ ବିକୁଥିବା ମହିଳାଙ୍କୁ ଏହା ବଦଳରେ ଚିନି, ଲୁଣ ଆଦି ଦେଇଥାନ୍ତି । ସରକାରୀ ସ୍ତରରେ ଏହାର କୌଣସି ବିକ୍ରି ବ୍ୟବସ୍ଥା ହେଉ ନ ଥିବାରୁ ବହୁ କଷ୍ଟରେ ସଂଗ୍ରହ କରିଥିବା ନିମ୍ବଫଳକୁ ଲୋକେ କମ ଦରରେ ବିକ୍ରି କରିବାକୁ ବାଧ ହୋଇଥାନ୍ତି। ଫଳରେ ଦଲାଲମାନେ ଏହାର ଭରପୁର ଫାଇଦା ଉଠାଇ ମାଲାମାଲ ହେଉଛନ୍ତି। ଏଣୁ ଲଘୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ସରକାରୀ ସ୍ତରରେ ଉପଯୁକ୍ତ ବଜାର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

# କଣ୍ଠଦେଇଙ୍କୁ ସହାୟତା ଦେଲେ ବିଧାୟକ


କଣ୍ଠଦେଇ ବିଶିଙ୍କ ପାଖରେ ବିଧାୟକ ସରୋଜ ମେହେର।

ପାଟଣାଗଡ,୧୧।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ବାଲିପଟା ଗାଁର କଣ୍ଠଦେଇ ବିଶି(୭୦) ଉଇହୁଙ୍କା ସଦୃଶ ଏକ ଝୁପୁଡି ଘରେ ଜୀବନ ବିତାଉଥିବା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଏ ଘଟଣା ଗଣମାଧ୍ୟମରେ ପ୍ରକାଶ ପରେ ଉପଜିଲାପାଳ ବିଜୟାନନ୍ଦ ସେଠୀ, ବିଡିଓ ନୀଳମାଧବ ସୁନା ବାଲିପଟାରେ ପହଞ୍ଚି କଣ୍ଠଦେଇଙ୍କୁ ଭେଟିଥିଲେ। ଭଲମନ୍ଦ ପଚାରି ବୁଝିବା ସହ କଣ୍ଠଦେଇଙ୍କୁ ଭୀମ ଭୋଇ ମେଡିକାଲରେ ଚିକିତ୍ସା କରାଇଥିଲେ। ପରେ ତାଙ୍କୁ ଦେଓଗାଁ ଜରା ନିବାସକୁ ନିଆଯିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଥିଲା। ହେଲେ କଣ୍ଠଦେଇ କୁଆଡେ ଯିବାକୁ ଅମଙ୍ଗ ହେବାରୁ ତାଙ୍କ ଝିଅ ଘର ସୋଲବନ୍ଧକୁ ପଠାଇ ଦିଆଯାଇଥିଲା। ଖବର ପାଇ ପାଟଣାଗଡ ବିଧାୟକ ସରୋଜ ମେହେର ଶନିବାର ସୋଲବନ୍ଧ ଯାଇଥିଲେ। କଣ୍ଠଦେଇଙ୍କ ରହିବା ପାଇଁ ଏକ ଘର ନିର୍ମାଣ ପାଇଁ ନିଜ ଦରମାରୁ ସମସ୍ତ ଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭିକଭାବେ ଅଗ୍ରୀମ ୫୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବିଧାୟକଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳକଣ୍ଠ ବାଗ, ଉପାଧ୍ୟକ୍ଷ ଲକ୍ଷ୍ମୀ ମାଝି, ଜିଲା ପରିଷଦ ସଭ୍ୟ କସ୍ତୁରୀ ସେଠ, ସୋଲବନ୍ଧ ସରପଞ୍ଚ ରୀତା ପାଣ୍ଡେ, ବାଲିପଟା ସମିତି ସଭ୍ୟ ଶଙ୍କର ବାଗ, ବାଲିପଟା ସରପଞ୍ଚ ପ୍ରଶାନ୍ତ ପୁରୋହିତ, ପାଟଣାଗଡ ମିଡିଆ ସେଲ ପ୍ରଭାରୀ ପ୍ରଦୀପ କୁମାର ମେହେର ଉପସ୍ଥିତ ଥିଲେ।

# ନଗର ପରିକ୍ରମା, ଦେବୀଙ୍କ ମନ୍ଦିର ପ୍ରବେଶ

ଅମରପାଲି,୧୧।୬(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ଚାଲିଥିବା ଦେବୀ ମାହେଶ୍ୱରୀଙ୍କ ନବକଳେବର ପ୍ରତିଷ୍ଠା ଉତ୍ସବ ଶନିବାର ସମ୍ପନ୍ନ ହୋଇଛି। ଅନ୍ତିମ ଦିନରେ ଦେବୀଙ୍କ ମନ୍ଦିର ପ୍ରବେଶ ଓ ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ଦେବୀ ମାହେଶ୍ୱରୀ ଓ ରାଧାକୃଷ୍ଣଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବାଡ଼ିନାଚ, ଘଣ୍ଟବାଦ୍ୟ, ଦୁଲଦୁଲି ବାଦ୍ୟ, ବୁଢ଼ାବୁଢ଼ୀ ନାଚ ଓ ସଙ୍କୀର୍ତ୍ତନ ଆଦି ପରିବେଷଣ ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନିରେ ଗାଁ ଦାଣ୍ଡ ମୁଖରିତ ହୋଇ ଉଠିଥିଲା। ଚାରିଦିନ ଧରି ହୋଇଥିବା ଉକ୍ତ ଉତ୍ସବ କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିଲା। ଜଳପୂର୍ଣ୍ଣ କଳସ ନାମ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଚବିଶ ପ୍ରହର ନାମଯଜ୍ଞ କରାଯାଇଥିଲା। ବିଭିନ୍ନ ସନ୍ଧ୍ୟାରେ ଦଣ୍ଡନୃତ୍ୟ, ଭଜନ ସମାରୋହ ଓ ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷିତ ହୋଇଥିଲା। ଏହି ଉପଲକ୍ଷେ


ନବକଳେବର ଅବସରରେ ମାହେଶ୍ୱରୀଙ୍କ ନଗର ଶୋଭାଯାତ୍ରା।

### ମାହେଶ୍ୱରୀଙ୍କ ନବକଳେବର ଉତ୍ସବ ସମ୍ପନ୍ନ

ଶିଶୁ ଓ କିଶୋରମାନେ ମୀନବଜାରର ମଜା ଉଠେଇ ଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ ସଭା ସହିତ ମାହେଶ୍ୱରୀ ସଂସ୍କୃତିର ଆଲୋଚନାଚକ୍ର ହୋଇଥିଲା। ଏଥିରେ ବିଭିନ୍ନ ଦିବସରେ ପ୍ରଶାସକ, ଜନପ୍ରତିନିଧି, ସଂସ୍କୃତି ଗବେଷକ ଯୋଗଦେଇ ଥିଲେ। ଯାତ୍ରାର ବିଭିନ୍ନ ଦିବସରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଡୋଲାମଣି ଭୋଇ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପପାଧ୍ୟକ୍ଷ ନାରାୟଣ ଲୁହା, ସାମାଜିକ କର୍ମୀ ତଥା ଉଫୁଲା ସରପଞ୍ଚଙ୍କ ପ୍ରତିନିଧି ମୀନକେତନ ମହାକୁର ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ରଞ୍ଜନ କରଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ସରକାରୀ ବାଳକ ହାଇସ୍କୁଲ ହେଲା ରୂପାନ୍ତର

କଣ୍ଟାବାଞ୍ଜି, ୧୧।୬(ଡ.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ପୁରାତନ ସରକାରୀ ବାଳକ ହାଇସ୍କୁଲ ୫ଟି ଅଧୀନରେ ରୂପାନ୍ତରିତ ହୋଇଛି। ଶୁକ୍ରବାର ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। କଣ୍ଟାବାଞ୍ଜି ବାଳକ ହାଇସ୍କୁଲ ରୂପାନ୍ତରିତ ହେଲା ପରେ ୨ଟି ସ୍ମାର୍ଟ କ୍ଲାସରୁମ, ୨ଟି ବିଜ୍ଞାନ ଲାବରେଟୋରୀ, ଗୋଟିଏ ଲାଇବ୍ରେରୀ, ୨ଟି ଶୌଚାଳୟ ନିର୍ମାଣ କରାଯାଇଛି। ସମସ୍ତ ପୁରୁଣା ଆଜବେଷ୍ଟସ୍ କ୍ଲାସରୁମ ପକ୍କା ଘରରେ ରୂପାନ୍ତରିତ ହୋଇଛି। ଭର୍ଚୁଆଲ ମୋଡରେ ଉଦ୍‌ଘାଟନ ବେଳେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁଦତ୍ତ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଏନସି ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଅମରେନ୍ଦ୍ର ତାଣ୍ଡି, ସଞ୍ଜୟ ଗାନ୍ଧୀ, ଗୁରୁଦୟାଲ ହଂସ, ଦୀନେଶ ମହାନନ୍ଦଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ର ଉପସ୍ଥିତ ଥିଲେ ।

# ୩ ବନ ସୁରକ୍ଷା ସମିତିକୁ ସାମଗ୍ରୀ ବଣ୍ଟନ


ବନ ସୁରକ୍ଷା ସମିତିକୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଉଛି।

ଖପ୍ରାଖୋଲ,୧୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ କୁର୍ଲୁମାଲ ଗାଁରେ ଆମ ଜଙ୍ଗଲ ଯୋଜନାରେ ବନ ବିଭାଗ ତରଫରୁ ବନ ସୁରକ୍ଷା ସମିତିକୁ ଶନିବାର ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା ଟିମ ଲିଡର ସଞ୍ଜୀବ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ୍, ସମ୍ମାନିତ ଅତିଥି ଲାଠୋର ପ୍ରାଣୀଧନ ଚିକିତ୍ସାଧିକାରୀ କାରୋ ମାରାଣ୍ଡି, ପରିବେଶ କର୍ମୀ ଅଭୟ ତ୍ରିପାଠୀ ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ବନ ସୁରକ୍ଷା ସମିତିର ଦାୟିତ୍ୱ ଓ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ କରିବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ବନ ସୁରକ୍ଷା ସମିତିର ଆତ୍ମନିର୍ଭରଶୀଳତା ପାଇଁ ଆମ ଜଙ୍ଗଲ ଯୋଜନାରେ ଟେଣ୍ଟ ସାମଗ୍ରୀ, ବାଲଟି, ଗ୍ୟାସ ଚୂଲା ଆଦି ସାମଗ୍ରୀ ପ୍ରଦାନ କରିଥିଲେ । ସେହିପରି କର୍ଲାକୁଟୁନା ଓ ବାହାବଲ ଗାଁରେ ମଧ୍ୟ ବନ ସୁରକ୍ଷା ସମିତିକୁ ବିଭିନ୍ନ ଉପକରଣ ସହ ଯୁବତୀମାନଙ୍କ ପ୍ରଶିକ୍ଷଣ ପାଇଁ ୨ଟି ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ପରିମିତା ମହାଲିଙ୍ଗ, ସଞ୍ଜୀବ ମିଶ୍ର, ଛନ୍ଦାଚରଣ ଯାନୀ, ଡିଇଓ ସୋମ୍ୟରଞ୍ଜନ ମେହେର, ବନ ସୁରକ୍ଷା ସମିତି ସଭାପତି ଶଙ୍କର ଦ୍ୱୀପଙ୍କ ସମେତ ବନ ସୁରକ୍ଷା ସମିତି ସଦସ୍ୟାସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ । ପ୍ରଦାନ କରାଯାଇଥିବା ଟେଣ୍ଟ ଏବଂ ରୋଷେଇ ସାମଗ୍ରୀ ଗାଁର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର ହେବା ସହ ଲୋକଙ୍କୁ ସଂଗଠିତ କରିବାରେ ଉପଯୋଗୀ ହୋଇପାରିବ ବୋଲି ବନ ବିଭାଗ କହିଛି ।

# ପାଣଗଣ୍ଡା ସମାଜ ପକ୍ଷରୁ ବ୍ଲକ, ତହସିଲ ଅଫିସ ଘେରାଉ

ବୌଦ୍ଧ,୧୧।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ପାଣଗଣ୍ଡା ସମାଜ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଗତ ଶୁକ୍ରବାର ଦିନ ହରଭଙ୍ଗା ବ୍ଲକ ଓ ତହସିଲ ଅଫିସ ଘେରାଉ କରାଯାଇଥିଲା । ପାଣଗଣ୍ଡା ସମାଜର ଜିଲା ସଭାପତି ବଟକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ସମାଜର ସଦସ୍ୟମାନେ ଚାରିଛକ ଜଗନ୍ନାଥ ମନ୍ଦିରଠାରୁ ଏକ ବିରାଟ ରାଲିରେ ଆସି ହରଭଙ୍ଗା ବ୍ଲକ ଓ ତହସିଲ ଅଫିସ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ରଙ୍କୁ ୩ ଦଫା ସମ୍ବଳିତ ଓ ହରଭଙ୍ଗା ବିଡିଓ ସ୍ମିତା ରଥଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ତହସିଲର ସମସ୍ତ ଭୂମିହୀନଙ୍କୁ ଚାଷ ଜମି, ଗୃହହୀନଙ୍କୁ ଘର ଜମି, ଦଳିତ ବସ୍ତିକୁ ରାସ୍ତା, ଜବରଦଖଲରେ ଥିବା ସରକାରୀ ଜମି ଉଚ୍ଛେଦ, ଦଳିତ ବସ୍ତିରେ ନଳକୂପ, ଗଣ୍ଡା ସମାଜ ସାହିରେ କମ୍ୟୁନିଟି ସେଣ୍ଟର ଆଦି ଉଲ୍ଲେଖ ରହିଛି । ଜିଲାର ମୁଷ୍ଟିମେୟ ଲୋକଙ୍କ କବଳରେ ଶହ ଶହ ଏକର ଜମି ଜବରଦଖଲରେ ଥିବା ବେଳେ ଗରିବ ଲୋକେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ପାଇ ପାରୁ ନ ଥିବା ଅଭିଯୋଗ କରିଥିଲେ । ଏହି ଘେରାଉ କାର୍ଯ୍ୟକ୍ରମରେ ବ୍ଲକର ୨୨ ଗୋଟି ପଞ୍ଚାୟତର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।


ପାଣଗଣ୍ଡା ସମାଜର ସଦସ୍ୟମାନେ ରାଲିରେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

# ବ୍ରିଜ ତଳୁ ଯୁବକଙ୍କ ମୃତଦେହ ଜବତ

ଦେଓଗାଁ,୧୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରପୁର ରେଲୱେ ବ୍ରିଜ ତଳୁ ଜଣେ ଯୁବକଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ରେଙ୍ଗାଲି ଗାଁର ପ୍ରଦ୍ୟୁମ୍ନ କାଣ୍ଡ ବୋଲି ଜଣା ପଡିଛି । ସକାଳେ ବ୍ରିଜ ତଳେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଟ୍ରେନରେ ପଡି ଯୁବକଙ୍କ ମୃତ୍ୟୁ ଘଟିଥିବା ଲୋକେ ଆଲୋଚନା କରିଥିଲେ। ଶେଷରେ ୧୨ଘଣ୍ଟା କାଳ ମୃତଦେହ ପଡି ରହିବା ପରେ ସନ୍ଧ୍ୟା ୫ ଟାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଥିଲା। ଜିଆରପି ଏବଂ ସ୍ଥାନୀୟ ପୋଲିସର ସମନ୍ୱୟ ଅଭାବ ଯୋଗୁଁ ମୃତଦେହ ୧୨ ଘଣ୍ଟା ଧରି ପୋଲ ତଳେ ପଡିରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# କଫ୍ ସିରପ୍ ବୋଝେଇ ପିକ୍‌ଅପ୍ ଜବତ, ୪ ଅଟକ

ଲୋଇସିଂହା,୧୧।୬(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ଭାଲିଆମୁଣ୍ଡା ବଳଦେବପୁରଠାରେ ଏକ ମହିନ୍ଦ୍ରା ପିକଅପ(ଓଡି-୦୫ବିଇ-୪୬୫୬)କୁ ଜବତ କରିଛି। ଅପରପକ୍ଷେ ଉକ୍ତ ପିକ୍‌ଅପକୁ ବରଗଡ଼ରୁ ପିଛା କରୁଥିବା ଏକ ସ୍ପେଶାଲ ସ୍କ୍ୱାଡ କପସିରଫ ଓ ଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ନେଇ ଯାଇଥିବା ଲୋଇସିଂହା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି। ଉକ୍ତ ପିକ୍‌ଅପରେ କପସିରଫ ଚାଲାଣ ହେଉଥିବା ବରଗଡ଼ର ସ୍ପେଶାଲ ସ୍କ୍ୱାଡକୁ ସୂଚନା ମିଳିଥିଲା। ସେମାନେ ୨ଟି ଗାଡିରେ ପିକ୍‌ଅପକୁ ପିଛା କରିଥିଲା। ପିକଅପକୁ ନେଇ ଡ୍ରାଇଭର ବରଗଡ଼-ବଲାଙ୍ଗୀର ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁର୍ଡ଼ା ଛକରୁ ମେଣ୍ଡା ରାସ୍ତାରେ ଫେରାର ହୋଇ ଯାଉଥିଲେ। ପ୍ରାୟ ୫କିମି ପିଛା କଲା ପରେ ଭଲିଆମୁଣ୍ଡା ବଳଦେବପୁର ଛକଠାରେ ସ୍ପେଶାଲ ସ୍କ୍ୱାଡ ଗାଡି ଉକ୍ତ ପିକ୍‌ଅପକୁ ଓଭରଟେକ କରିଥିଲା। ଏହି ସମୟରେ ପିକ୍‌ଅପର ଆଗ ଚକକୁ ଫାଇରିଙ୍ଗ କରିବାରୁ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ପିକ୍‌ଅପରେ ଥିବା ୪ଜଣ ବ୍ୟକ୍ତି ଫେରାର ହେବାକୁ ଉଦ୍ୟମ କରିଥିଲେ। ସ୍ପେଶାଲ ସ୍କ୍ୱାଡ ସେମାନଙ୍କୁ ପିଛା କରି କାବୁ କରିଥିଲା।




ପୋଲିସ କାବୁ କରିଥିବା ୪ଯୁବକ ଓ ଜବତ ଗାଡି।

# ମୁରିବାହାଲକୁ ହରାଇଲା ଯମୁନା

ମୁରିବାହାଲ,୧୧।୬(ଡ.ଏନ.ଏ.)

### ଜଗଦଳା ମୋମୋରିଆଲ କ୍ରିକେଟ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ଘଣ୍ଟାବାହଲ ଖେଳ ପଡ଼ିଆରେ ୭ବାର୍ଷିକ ଅଣାକାର ଜଗଦଳା ମୋମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଜୟ ହନୁମାନ ହେଲଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ମୁରିବାହାଲ ଓ ଜମୁନା ଦଳ ମଧ୍ୟରେ ହୋଇଥିଲା। ଜମୁନା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଜବାବରେ ମୁରିବାହାଲ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୦୮କରି ପରାଜିତ ହୋଇଥିଲା। ଫଳରେ ଜୁମନା ଦଳ ବିଜୟ ଲାଭ କରି ସେମିଫାଇନାଲେ ପ୍ରବେଶ କରିଛି। ଖେଳ ପୂର୍ବରୁ ସ୍ୱର୍ଗତ ଅଣାକାର ଜଗଦଳାଙ୍କ ସହଧର୍ମିଣୀ ସବିତା ଜଗଦଳା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଭାଜପା ବଲାଙ୍ଗୀର ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ମୁରିବାହାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ବିଶ୍ୱ ବିହାରୀ ଯୋଶୀ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଅମ୍ପେୟାରଭାବେ ପୁସ୍ତକ ମହାକୁର, ରାଜେଶ ଛୁରା ଦାୟିତ୍ୱ ତୁଲାଇ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସୁରେନ୍ଦ୍ର ଛୁରା, ସୁମନ୍ତ ମହାଲିଙ୍ଗ, ରାଜୀବ ଛୁରା, ରାଜୁ ଛୁରା ପ୍ରମୁଖ ସହଯୋଗ କରୁଛନ୍ତି।


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି।

## ମୋଟର ପମ୍ପ ଚୋରି, ଜଣେ ଗିରଫ

ପାଇକମାଲ,(ଡି.ଏନ.ଏ): ବରଗଡ଼ ଜିଲା ପାଇକମାଲ ଥାନା ସାଲେପାଲି ଗ୍ରାମରୁ ମୋଟର ପମ୍ପ ଚୋରି ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାଲେପାଲି ଗ୍ରାମର ଗୋଲୁ ଓରଫ ଉମାକାନ୍ତ ହିଆଲ(୨୨)। ତାଙ୍କ ପାଖରୁ ମୋଟର ପମ୍ପ, ବ୍ୟାଟେରି ଆଦି ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ.୫୬/୨୨) ରୁଜୁ କରିଛି । ଏହାସହିତ ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି । ପ୍ରକାଶ ଯେ, ଗତ ମାର୍ଚ୍ଚ ୨୧ତାରିଖରେ ସାଲେପାଲି ସ୍ଥିତ ପଦ୍ମପୁର ବିଧାୟକଙ୍କ ଅଫିସ କ୍ୟାମ୍ପସ ପରିସରରୁ ଏକ ମୋଟର ପମ୍ପ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ସଂକ୍ଷେପରେ

## ଗୋଡ଼ଭଗା ନାଗରିକ କମିଟିର ପ୍ରତିଷ୍ଠା ଦିବସ

ଜାମଟିକ୍ରା,୧୧।୬(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଗୋଡ଼ଭଗା ସମଲେଇ ମନ୍ଦିର କଲ୍ୟାଣ ମଣ୍ଡପରେ ଗୋଡଭଗା ନାଗରିକ କମିଟିର ୧୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ନାଗରିକ କମିଟି ସଭାପତି ହାରାଧନ ବାରିକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ତେଜରାଜ ପଧାନ ମୁଖ୍ୟଅତିଥି, ବରିଷ୍ଠ ନାଗରିକ କୁଳମଣି ପଧାନ, ସୌକିଲାଲ ମିଶ୍ର, ଦିବ୍ୟ କିଶୋର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଗରିକ କମିଟିର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୁରେଶ ଦାସ, ମୁଲଜୀ ପଧାନ, ଦୟାସାଗର ମେଣ୍ଡଲି, ସଦାଶିବ ପଧାନ, ସୁଧୀର ଭୋଇ, ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ସୁନାଚେନ ଲୁଟ୍, ଅଭିଯୁକ୍ତ ଗିରଫ



ପାଇକମାଲ,୧୧।୬(ଡି.ଏନ.ଏ): ବରଗଡ଼ ଜିଲା ପାଇକମାଲ ଥାନା ଅନ୍ତର୍ଗତ ନୃସିଂହନାଥରୁ ଶୁକ୍ରବାର ଜଣେ ମହିଳାଙ୍କ ଗଳାରୁ ସୁନାଚେନ ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରବନ୍ଧ ଥାନା କୋତନା ଗ୍ରାମର ତ୍ରିଲୋଚନ ସେଠ(୨୯)। ତାଙ୍କ ପାଖରୁ ଲୁଟ୍ ସୁନାଚେନ ଓ ଏକ ବାଇକ୍ (ନଂ.ଓଡ଼ି୧୭ଭି/୯୬୬୩) ଜବତ ହୋଇଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୧୨୧/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ପଦ୍ମପୁର ଥାନା ସର୍ଗିଜୁରୀ ଗ୍ରାମର ଛନ୍ଦାଚରଣ ପଟେଲଙ୍କ ସ୍ତ୍ରୀ ସାବିତ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନରେ ଯାଇଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ଗଳାରୁ ସୁନାଚେନ ଲୁଟି ଫେରାର୍ ହୋଇ ଯାଇଥିଲେ। ଏ ନେଇ ଛନ୍ଦାଚରଣ ପାଇକମାଲ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ ସହିତ ଲୁଟ୍ ସୁନାଚେନ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା।

## ପଦ୍ମଶ୍ରୀ ଯୋଗେନ୍ଦ୍ରଜୀଙ୍କ ବିୟୋଗରେ ଶୋକସଭା

ସୋନପୁର,୧୧।୬(ନି. ପ୍ର ): ସୁବର୍ଣ୍ଣପୁର ସରସତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତ ସୁବର୍ଣ୍ଣପୁର ଶାଖା ତରଫରୁ ଅଖିଳ ଭାରତୀୟ ସଂସ୍କାର ଭାରତୀ ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ର ଜୀଙ୍କ ସ୍ୱର୍ଗ ଧାମ ପ୍ରାପ୍ତି ସକାଶେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଶନିବାର ଆୟୋଜିତ ହୋଇଯାଇଛି । ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ସର ସଙ୍ଘ ଚାଳକ ବିପିନ ବାଘ, ଯୋଗ ପ୍ରଶିକ୍ଷକ ହରିହର ଶତପଥୀ, କବି ସାହିତ୍ୟକ ଆର୍ତ୍ତତ୍ରାଣ ବାବୁ, ଶିବ ପାତ୍ର, ହୃଷିକେଶ ଭାଈ, ରଶ୍ମି ରଞ୍ଜନ ଦାସ, ସଂସ୍କାର ଭାରତୀ ଶ୍ରୀବସ୍ତ ମଲ୍ଲିକଞ୍ଜ, ମନୋଜ ପଣ୍ଡା, ରାଜେଶ ସିଂହ, କାହ୍ନୁ ଭାଇ, ଜୟଦ୍ରଥ ଜଗଦଲା ଓ ଯୋଗ ପ୍ରଶିକ୍ଷକ ଉପସ୍ଥିତି ଥିଲେ।

# ଆଲୋଚନା ବିଫଳ, ୧୩ରେ ଆନ୍ଦୋଳନ

ବରଗଡ଼ ଅଫିସ୍,୧୧।୬

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। ଚାଷୀମାନେ ବୀମା ସହାୟତା ପାଇଁ ଚାଷ ଆରମ୍ଭରୁ ପ୍ରିମିୟମ ରାଶି ଜମା କରୁଛନ୍ତି। କିନ୍ତୁ ଫସଲକ୍ଷତି ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳୁନାହିଁ। ଅନ୍ୟପଟେ ବୀମା କମ୍ପାନୀ ବିଭିନ୍ନ ଆଳ ଦେଖାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ଆସନ୍ତା ୧୩ତାରିଖରେ ପଦ୍ମପୁରରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଶନିବାର ବରଗଡ଼ ଏସ୍‌ପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ଶନିବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ପ୍ରତିନିଧିଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ ଏବଂ ଆଇନ ଅମାନ୍ୟ ଆନ୍ଦୋଳନରୁ ଓହରି ୧୫ ଦିନ ସମୟ ମାଗିଥିଲେ। ମାତ୍ର ନିଜର ହକ୍ ତଥା ବୀମା କ୍ଷତିପୂରଣ ପାଇଁ ଚାଷୀମାନେ ପୂର୍ବରୁ ଅନେକଥର ପ୍ରଶାସନ ଏବଂ ବୀମା କମ୍ପାନୀକୁ ଅବଗତ କରିଆସିଛନ୍ତି। କିନ୍ତୁ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ବର୍ତ୍ତମାନ ସ୍ଥିତିରେ ଆଉ ସମୟ ଦେବା ସମ୍ଭବ ନୁହେଁ ବୋଲି ଚାଷୀ ପ୍ରତିନିଧି କହିଥିଲେ। ଫଳରେ ଏସ୍‌ପିଙ୍କ ସହିତ ଆଲୋଚନା ବିଫଳ ହୋଇଥିଲା ।



ଚାଷୀ ପ୍ରତିନିଧିବୃନ୍ଦ ବରଗଡ଼ ଏସ୍‌ପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ପ୍ରକାଶ ଯେ, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗତ ଖରିଫ ଋତୁରେ ବରଗଡ଼ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା । ଜିଲାର ପଦ୍ମପୁର ଉପଖଣ୍ଡରେ ଏହି ସ୍ଥିତି ଉତ୍କଟ ରହିଥିଲା। ଜିଲାରେ ୭୨ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିର ୩୩ ପ୍ରତିଶତରୁ ଅଧିକ ଫସଲକ୍ଷତି ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି। କିନ୍ତୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଇନପୁଟ୍ ସବ୍‌ସିଡ଼ି କିମ୍ବା ବୀମା ସହାୟତା ଏପର୍ଯ୍ୟନ୍ତ ମିଳିପାରି ନାହିଁ । ଅନ୍ୟପଟେ ବୀମା କମ୍ପାନୀ ବିଭିନ୍ନ ଆଳ ଦେଖାଇ ଚାଲିଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀ ଚାଷୀମାନଙ୍କଠାରୁ ନିର୍ଦ୍ଧାରିତ ପରିମାଣର ପ୍ରିମିୟମ ରାଶି ନେଇଛି। ମାତ୍ର ବୀମା କ୍ଷତିପୂରଣ ବଦଳରେ ଏବେ ଚାଷୀଙ୍କୁ ସେଥିରୁ ବଞ୍ଚିତ କରିବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀ ବିଭିନ୍ନ ଆଳରେ ଚାଷୀଙ୍କ ଆବେଦନକୁ ବେଆଇନ ଭାବେ ରଦ୍ଦ କରି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ, ଋଣୀ ଚାଷୀଙ୍କ ପାଇଁ ୧୫ଦିନ ଏବଂ ଅଣଋଣୀ ଚାଷୀଙ୍କ ପାଇଁ ଆବେଦନର ଏକ ମାସ ମଧ୍ୟରେ ଯାଞ୍ଚ କରି ବିହିତ ପଦକ୍ଷେପ ନେବା କଥା। ଯଦି ବୀମା ଧାର୍ଯ୍ୟ ତାରିଖଠାରୁ ୬୦ଦିନ ବିତିଯାଏ, ତେବେ ସମସ୍ତ ଆବେଦନ ବୀମା କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହେବାର ପ୍ରାବଧାନ ରହିଛି। କିନ୍ତୁ ବୀମା କମ୍ପାନୀ ଏହାକୁ ଉଲ୍ଲଂଘନ କରି ଫସଲକ୍ଷତି ହେବା ପରେ ବୀମା ଆବେଦନ ଗୁଡ଼ିକୁ ବେଆଇନ ଭାବେ ରଦ୍ଦ କରି ଚାଲିଛି ବୋଲି ଚାଷୀନେତା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି।

କେବଳ ସେତିକି ନୁହେଁ ରାଜସ୍ୱ, କୃଷି ଏବଂ ପରିସଂଖ୍ୟାନ ବିଭାଗ କରିଥିବା

### ବୀମା କମ୍ପାନୀର ସ୍ୱେଚ୍ଛାଚାରିତା, ତାତିଲେ ଚାଷୀ

କ୍ରପ୍ କଟିଂ ରିପୋର୍ଟକୁ ମଧ୍ୟ ବୀମା କମ୍ପାନୀ ଗ୍ରହଣ କରୁନାହିଁ। ଅପରପକ୍ଷେ ବୀମା ପ୍ରିମିୟମ ଭରିଥିବା ଚାଷୀଙ୍କୁ ନାନା ଆଳରେ ବର୍ତ୍ତମାନ ଅଯୋଗ୍ୟ ଘୋଷିତ କରୁଛି । ସେହିପରି କ୍ରପ୍ କଟିଂ ରିପୋର୍ଟ ପାଇବାର ୪୫ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଆଉ କିଛିଦିନ ପରେ ୨୦୨୨ ଖରିଫ ଫସଲ ଆରମ୍ଭ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ୨୦୨୧ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିପାରିନାହିଁ। ଏ ଦିଗରେ ପ୍ରଶାସନର ନିରବତା ବିଡ଼ମ୍ବନାର ବିଷୟ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ କହିଛନ୍ତି। ବୀମା କମ୍ପାନୀର ଏଭଳି ସ୍ୱେଚ୍ଛାଚାରିତା ଏବଂ ଚାଷୀଙ୍କୁ ଅଣଦେଖା ପ୍ରତିବାଦରେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଥିବା ସେ ପ୍ରକାଶ କରିଛନ୍ତି। ଏସ୍‌ପିଙ୍କ ସହିତ ଆଲୋଚନା ସମୟରେ ଚାଷୀନେତା ରମେଶ ମହାପାତ୍ର, ଅଶୋକ ସାହୁ, ଅରବିନ୍ଦ ପଣ୍ଡା, ରୋହିତ ପ୍ରଧାନ, କୈଳାସ ବାରିକ, ରାହାସ ସାହୁ, ଅମୃତଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟନା,୧୧।୬(ସ୍ୱ.ପ୍ର.)

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ରବିବାର କଳାହାଣ୍ଡି ଗସ୍ତରେ ଆସୁଥିବା ଜଣାପଡିଛି। ରାଜ୍ୟର ଆକାଂକ୍ଷୀ ଜିଲା ଭାବେ କେନ୍ଦ୍ର ସରକାର କଳାହାଣ୍ଡି ଜିଲାକୁ ଘୋଷଣା କରିଛନ୍ତି। ଏହି ଜିଲାରେ କେନ୍ଦ୍ରୀୟ ଅନୁଦାନ କିପରି ଖର୍ଚ୍ଚ ହେଉଛି ତାହା ଉପରେ ସମୀକ୍ଷା କରିବା ପାଇଁ ସେ ଆସୁଥିବା ଜଣାପଡିଛି। ଏ ନେଇ ଜିଲା ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ତାଙ୍କ ଗସ୍ତ କିପରି ସୁରୁଖୁରୁରେ ହେବ ସେଥିପାଇଁ ଶନିବାର ସଂଧ୍ୟାରେ ଭବାନୀପାଟଣା ସର୍କିଟହାଉସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା,ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ଧର୍ମଗଡ ଏନ୍‌ଏସି ଅଧକ୍ଷ ଅଶୋକ ମହାନ୍ତି,ଜିଲା ସଭାନେତ୍ରୀ ନିରୁପମା ନାଏକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର,ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା,ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଅଜୟ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ,ସୁଧୀର ପଟ୍ଟଯୋଷୀ, ଜିଲା ସମ୍ପାଦିକା ମମତା ପଣ୍ଡା, ନବରଙ୍ଗପୁର ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଘାଟ ଉପରେ ପ୍ରଶାସନର ଚଢ଼ାଉ

ଭବାନୀପାଟଣା,୧୧।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ ଅନ୍ତର୍ଗତ ଛେନାଗାଁ ତେଲନଦୀ ବାଲିଘାଟରେ ବାଲି ଚୋରା ଚାଲାଣ ହେଉଥିବା ନେଇ ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଶନିବାର ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ବାଲିଘାଟ ଉପରେ ଅତର୍କିତ ଚଢାଉ କରିଥିଲେ। ଚଢାଉ ସମୟରେ ସେଠାରେ ୧୦ଟି ହାଇୱା ଧରପଗଡ କରାଯାଇଥିଲା। ସେଥିମଧ୍ୟରୁ ୩ଟି ହାଇୱାରେ ବାଲି ଭର୍ତ୍ତି ହୋଇ ରହିଥିବା ବେଳେ ଅବଶିଷ୍ଟ ହାଇୱା ଖାଲି ରହିଥିଲା। ତେବେ ୱାଇ ଫର୍ମ ଠିକ୍ ନ ଥିବାରୁ ବାଲି ଭର୍ତ୍ତି ଥିବା ୩ଟି ହାଇୱାକୁ ୮୦ହଜାର ଓ ଖାଲି ଥିବା ହାଇୱାକୁ ଅନ୍ୟାନ୍ୟ କାରଣ ପାଇଁ ୭୫ହଜାର ୬ଶହ ଟଙ୍କା ଜୋରିମାନା କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ,ଛେନାଗାଁ ବାଲି ଘାଟରୁ ଜୈନିକ ଲିଜଧାରୀ ନିଜ ତହସିଲ ଅଞ୍ଚଳରୁ ବାଲି ନ ଉଠାଇ କଳାହାଣ୍ଡି ତହସିଲ ଅଞ୍ଚଳରୁ ବାଲି ଉଠାଇଥିବା ନେଇ ଅଭିଯୋଗ ହୋଇଥିଲା। କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା ଶନିବାର ଚଢାଉ ବେଳେ ଏହା ଦେଖିବାକୁ ପାଇଥିଲେ। ବେଆଇନ ଭାବେ ଅନ୍ୟ ତହସିଲରୁ ବାଲି ଉଠାଣ କରିଥିବାରୁ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଉପରେ ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ ଏପରି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗ ପରେ ସମ୍ପୃକ୍ତ ଲିଜ୍‌ଧାରୀଙ୍କୁ ୯ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଲିଜଧାରୀ ୫୦ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡିଛି। ଅବଶିଷ୍ଟ ଟଙ୍କା ପାଇଁ ସ୍ଥାନୀୟ ତହସିଲ ପକ୍ଷରୁ ୨ଥର ନୋଟିସ ଦିଆଯାଇଥିଲେ ମଧ ଲିଜଧାରୀ ଜଣକ ଜରିମାନା ଟଙ୍କା ନ ଦେଇ ବେଫିକର ଭାବେ ବାଲି ଉଠାଣ କରୁଥିବା ଜଣାପଡିଛି। ଏହି ଚଢାଉ ସମୟରେ ଭବାନୀପାଟଣା ଉପଜିଲାପାଳଙ୍କ ସମେତ କେସିଙ୍ଗା ତହସିଲଦାର ଜ୍ୟୋର୍ତିମୟ କର,କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା,ଏମ୍ ରାମପୁର ଭାରପ୍ରାପ୍ତ ତହସିଲଦାର ଜୟନ୍ତ ମେହେର, ନର୍ଲା ରାଜସ୍ୱ ବିଭାଗ ସୁପରଭାଇଜର ରଞ୍ଜିତ ରାଉତ ପ୍ରମୁଖ ସାମିଲ ଥିଲେ।



ବାଲିଘାଟ ଚଢ଼ାଉ ସମୟରେ ଅଧିକାରୀବୃନ୍ଦ।

### ୧ଲକ୍ଷ ୫୫ହଜାର ଟଙ୍କା ଜରିମାନା ଆଦାୟ

## ବାଲି ଚୋରା ଚାଲାଣ, ପ୍ରଶାସନ ନିରବ

ବାଉଁଶୁଣୀ,୧୧।୬(ଡି.ଏନ.ଏ.)

ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ମହାନଦୀ ଘାଟ ଓ ଅମୃର୍ତା ନଦୀଘାଟରୁ ବେଆଇନ ଭାବେ ବାଲି ଚାଲାଣ ହୋଉଛି। ଦିନକୁ ଶତାଧିକ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଛି। ଫଳରେ ବ୍ୟାପକ ରାଜସ୍ୱ ହାନି ହେଉଛି। ପୂର୍ବରୁ ତହସିଲ ପକ୍ଷରୁ ଚଢାଉ କରାଯାଇ ବେଆଇନ ବାଲି ଟ୍ରାକ୍ଟରକୁ ଜବତ କରାଯାଉଥିଲା। ଚୋରା ଚାଲାଣ ହେବାର ଜଣାପଡିଲେ ଜରିମାନା ଆଦାୟ ହେଉଥିଲା। ଏବେ ଚଢାଉ ହେଉ ନ ଥିବାରୁ ନଦୀଘାଟରୁ ମନଇଚ୍ଛା ବାଲି ଉଠାଯାଉଛି । ଏନେଇ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ ସାହୁଙ୍କୁ ପଚାରିବାରେ ତହସିଲଦାର ନ କହିଲେ ଆମେ ଚଢ଼ାଉ କରି ପାରିବୁ ନାହିଁ ବୋଲି କହିଛନ୍ତି। ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସୁଯୋଗ ନେଇ ବାଲି ବ୍ୟବସାୟୀମାନେ ଜମଘାଟି ଗାଁ ମଧ ଦେଇ ବାଲି ଚୋରା ଚାଲାଣ କରୁଛନ୍ତି। ତୁରନ୍ତ ଏହାକୁ ରୋକିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଉତ୍ସବ

ବୌଦ୍ଧ,୧୧।୬ (ସ୍ୱ.ପ୍ର.)

ବିଶ୍ୱ ହିନ୍ଦୁ ପରିଷଦ ବୌଦ୍ଧ ଜିଲା ଆନୁକୂଲ୍ୟରେ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ୭ଦିନ ବ୍ୟାପି ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗର ଉଦ୍‌ଘାଟନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀ ମୁଖ୍ୟ ଅତିଥି, ପଶ୍ଚିମ ପ୍ରାନ୍ତ ସଂଯୋଜକ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ବଜରଙ୍ଗ ଦଳର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ଅମଳ ଚକ୍ରବର୍ତ୍ତୀ ନିଜ ମତପ୍ରକାଶ କରିଥିଲେ। ଏହି ବର୍ଗରେ ସୁନ୍ଦରଗଡ, ବରଗଡ, ନୂଆପଡା, ବଲାଙ୍ଗୀର, ସମ୍ବଲପୁର, ସୁବର୍ଣ୍ଣପୁର, ଦେବଗଡ, ଭବାନୀପାଟଣା ଓ ବୌଦ୍ଧରୁ ଶତାଧିକ ଯୁବକ ଯୋଗଦାନ କରିଛନ୍ତି। ସତ୍ୟ ନାରାୟଣ ସେନାପତି, ଦିଲିପ ମେହେର, ରାମଚନ୍ଦ୍ର ନାଏକ, ଚକ୍ରଧର ମିଶ୍ର, କିଶୋର ପଟେଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ବୌଦ୍ଧ ଜିଲା ସଭାପତି ଶମ୍ଭୁପ୍ରସାଦ ମିଶ୍ର, ସଂପାଦକ ପ୍ରେମାନନ୍ଦ ମିଶ୍ର, ସମ୍ବିତ୍ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଣଧାନ ଚାଷକୁ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୧୧।୬

ବରଗଡ଼ ଜିଲା କେନ୍ଦୁଭଟା ଦେବଦତ୍ତ କ୍ଲବ ପରିସରରେ ଶୁକ୍ରବାର ଅଣଧାନ ଚାଷ କାର୍ଯ୍ୟକ୍ରମର ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ ସହାୟତାରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ନାବାର୍ଡ଼ର ଜିଲା ବିକାଶ ପ୍ରବନ୍ଧକ ହଟକିଶୋର ବେହେରା, ଏଲଡ଼ିଏମ୍ ମହେଶ୍ୱର ସାହୁ, କୃଷି ଓଭରସିୟର ନାରାୟଣ ପ୍ରଧାନ, ଉଦ୍ୟାନ ବିଭାଗର ସୁରଜ ରଞ୍ଜନ ଭୋଇ, ଦେବଦତ୍ତ କ୍ଲବର ସମ୍ପାଦକ କାହ୍ନୁଚରଣ ମାଝୀ, କାର୍ଯ୍ୟକାରୀ ସମ୍ପାଦକ ରୁଦ୍ର ସାହୁ, ବିଜୟ ଧୀର, ଅବିନାଶ ତ୍ରିପାଠୀ, ଶିବଶଙ୍କର ବିଶ୍ୱାଳ, ଆକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଗତ ଦିନରେ ହୋଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏହାସହିତ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଧାନ ବ୍ୟତୀତ ଅନ୍ୟ ଫସଲ ତଥା ମୁଗ, ପିଆଜ, ଚିନାବାଦାମ, ମାଣ୍ଡିଆ, ପରିବା ଚାଷ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ବିଜୟ ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଣାକାର ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧୧।୬

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଲାଉମୁଣ୍ଡାରେ ଦେବଦତ୍ତ କ୍ଲବ ଏବଂ ନାବାର୍ଡ଼ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବୁଣାକାର ସଙ୍ଗଠନର ଅଂଶୀଦାର ବୃଦ୍ଧି ନିମନ୍ତେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ହସ୍ତତନ୍ତ ଉପନିର୍ଦ୍ଦେଶକ ଶିଶିର କୁମାର ନାଗ ମୁଖ୍ୟ ଅତିଥି, ନାବାର୍ଡ଼ର ଜିଲା ବିକାଶ ପ୍ରବନ୍ଧକ ହଟକିଶୋର ବେହେରା, ଏଲଡ଼ିଏମ୍ ମହେଶ୍ୱର ସାହୁ, ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ରାଜଗୋପାଳ ଦାଶ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ବେରିଆ, ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁଚରଣ ମାଝୀ, ଓଡ଼ିଶା ଜୀବିକା ମିଶନର ଶାନ୍ତନୁ ପ୍ରଧାନ, ଅଞ୍ଜନ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରାଯାଇଥିବା ବେଳେ ଶତାଧିକ ମହିଳା ବୁଣାକାର ଭାଗ ନେଇଥିଲେ। ଭାନୁ ମେହେର, ନିର୍ମଳ ପ୍ରଧାନ, ଧର୍ମରାଜ ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୋଜନା, ସମନ୍ୱୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ମନ୍ତ୍ରୀଙ୍କ ସହିତ ଅନ୍ୟମାନେ ମଞ୍ଚାସୀନ।

ନୂଆପଡ଼ା ଅଫିସ୍,୧୧।୬

ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ନୂଆପଡ଼ାରେ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥିବା ରାଜେନ୍ଦ୍ର ଢୋଲକିଆ ଦାୟୀତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ଜିଲା ଗସ୍ତ କରିଛନ୍ତି। ତାଙ୍କୁ ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୂଆପଡ଼ା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ ଜିଲା ପ୍ରଶାସନ ପକ୍ଷରୁ ନୂଆପଡ଼ା ବିଧାୟକ ତଥା ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଢୋଲକିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଅଧିକାରୀ ତଥା ଉପଜିଲାପାଳ ତରଣିସେନ ନାଏକ, ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚୌଧୁରୀ ଶୋଭାରାଣି ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ନନ୍ଦକିଶୋର ତାଣ୍ଡି, ଜିଲା ମୁଖ୍ୟ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ମଣ୍ଡଳ, କୃଷି ବିଭାଗ ଯୋଜନା ଅଧିକାରୀ ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ବର୍ଦ୍ଧନା ଜ୍ଞାପନ ପରେ ମନ୍ତ୍ରୀ ଜିଲାସ୍ତରୀୟ ସମୀକ୍ଷା ନେଇଥିଲେ।

# ଟଙ୍କା ଉଠାଣ ଲାଗି ୧୦୦କିମି ଯାଉଛନ୍ତି

ବୋଡେନ,୧୧।୬ (ଡି.ଏନ୍.ଏ.)

### ପିଏନବିରେ ମଧ୍ୟାହ୍ନଭୋଜନ ଆକାଉଣ୍ଟ ଥିବାରୁ ଅସୁବିଧାରେ ଶିକ୍ଷୟିତ୍ରୀଶିକ୍ଷକ

ସରକାର ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମ୍ କରିବା ଲକ୍ଷ୍ୟ ନେଇ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛନ୍ତି। ଏହି ମଧ୍ୟାହ୍ନଭୋଜନ ଟଙ୍କା ବ୍ୟାଙ୍କରୁ ଉଠାଣ ଲାଗି ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୧୦୦ କିମି ଦୂର ନୂଆପଡ଼ାକୁ ଯିବାକୁ ପଡୁଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶନିବାର ଶିକ୍ଷକମାନଙ୍କର ଏକ ବୈଠକ ହୋଇଥିଲା।

ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ପିଲାଙ୍କୁ ବିଦ୍ୟାଳୟ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହାର ଖର୍ଚ୍ଚ ବାବଦ ଅନୁମୋଦିତ ଅର୍ଥ ସରକାର ସ୍କୁଲର ମଧ୍ୟାହ୍ନଭୋଜନ ଆକାଉଣ୍ଟରେ ଜମା କରୁଛନ୍ତି। ତାକୁ ସ୍କୁଲ ପ୍ରଧାନଶିକ୍ଷକ ବା ପ୍ରଧାନ ଶିକ୍ଷୟିତ୍ରୀ କିମ୍ବା ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ପରିଚାଳନା କରିଥାନ୍ତି। ବୋଡେନ ବ୍ଲକରେ ପୂର୍ବରୁ ସ୍ଥାନୀୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ପ୍ରାୟ ସମସ୍ତ ସ୍କୁଲର ଆକାଉଣ୍ଟ ରହିଥିଲା। କିନ୍ତୁ କିଛି ଦିନ ତଳେ ସରକାରୀସ୍ତରରେ ସମସ୍ତ ବିଦ୍ୟାଳୟର ଆକାଉଣ୍ଟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ରେ ଖୋଲାଯାଇଛି। ହେଲେ ନୂଆପଡ଼ା ଜିଲା ସଦରମହକୁମା ଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକମାତ୍ର ଶାଖା ରହିଛି। ବୋଡେନରୁ ନୂଆପଡ଼ା ୯୦ କି.ମି. ଦୂରତା ହୋଇଥିବା ବେଳେ ଅଧିକାଂଶ ଗ୍ରାମାଞ୍ଚଳରୁ ୧୦୦ ରୁ ୧୨୦ କି.ମି. ଦୂରତା ରହୁଛି। ଶିକ୍ଷକଙ୍କୁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ଉଠାଣ କରିବାକୁ ନୂଆପଡ଼ା ଯିବାକୁ ପଡୁଛି। ପୁଣି ବେଢ଼ି ଉପରେ ନଳିତା ବିଡ଼ା ପରି ସାଙ୍ଗରେ ନେବାକୁ ପଡୁଛି ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ। ଯାହା ଖର୍ଚ୍ଚକୁ ଦ୍ୱିଗୁଣିତ କରୁଛି। ସଭାପତି ମହିଳା ହୋଇଥିଲେ ପୁଣି ସମସ୍ୟା ଦ୍ୱିଗୁଣିତ ହେଉଛି। ଯଦି କୌଣସି କାରଣରୁ ଟଙ୍କା ଉଠାଣ ହୋଇପାରିଲା ନାହିଁ, ତେବେ ଶିକ୍ଷକଙ୍କ ଅବସ୍ଥା ସାଂଘାତିକ। ପୁଣି ବର୍ତ୍ତମାନର ପରିସ୍ଥିତିରେ ନୂଆପଡ଼ାରୁ ଟଙ୍କା ନେଇ ଆସିବା ଶିକ୍ଷକଙ୍କ ଜୀବନ ପ୍ରତି ମଧ ବିପଦ ସୃଷ୍ଟି କରୁଛି। ଏନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ସମସ୍ୟାକୁ ନେଇ ଶନିବାର ବୋଡେନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଆୟୋଜିତ ହୋଇ ଆଲୋଚନା ହୋଇଛି। ବୈଠକରେ ଶିକ୍ଷକମାନେ ଦାବି କରିଛନ୍ତି ଯେ, ଯଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆକାଉଣ୍ଟ ରହିବ ତେବେ ବ୍ଲକ ସଦର ମହକୁମାରେ ବ୍ୟାଙ୍କର ଏକ ଶାଖା ବ୍ୟବସ୍ଥା କରାଯାଉ। ନଚେତ ପୂର୍ବପରି ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ରଖିବାକୁ ଦାବି କରିଛନ୍ତି। ପୁଣି ବର୍ତ୍ତମାନ ସମସ୍ତ ସାମଗ୍ରୀର ଦରଦାମ୍ ଆକାଶ ଛୁଆଁ ହୋଇଥିବାବେଳେ ମଧ୍ୟାହ୍ନଭୋଜନ ୟୁନିଟ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ନେଇ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖାଇବା ତେଲ ଭଳି କିଛି ସାମଗ୍ରୀର ଦର ବର୍ତ୍ତମାନ ଦୁଇ ଗୁଣ ବୃଦ୍ଧି ହୋଇଥିବାବେଳେ ପୁରୁଣା ଦାମ୍‌ରେ ମଧ୍ୟାହ୍ନଭୋଜନ ପରିଚାଳନା କରିବା ଚିନ୍ତାଜନକ ବୋଲି କିଛି ବରିଷ୍ଠ ଶିକ୍ଷକ ମତ ପ୍ରକାଶ କରିଛନ୍ତି। ବୋଡେନ ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରାଙ୍କୁ ଏନେଇ ପଚାରିବାରୁ ଏହି ସମସ୍ୟା ଉପରେ ଡିଆର୍‌ଡ଼ିଏ ବୈଠକରେ ଆଲୋଚନା ହୋଇଛି। ଆମ ବିଭାଗ ପକ୍ଷରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ଓ ଆର୍.ଏମ୍‌ଙ୍କ ମଧ ଆଲୋଚନା ହୋଇଛି। ବ୍ୟାଙ୍କ ପକ୍ଷରୁ ବ୍ଲକ ସଦର ମହକୁମାରେ ଶିକ୍ଷକଙ୍କୁ ମଧ୍ୟାହ୍ନଭୋଜନ ଟଙ୍କା ପ୍ରଦାନ ନେଇ ପ୍ରତିଶ୍ରୁତି ଦିଆଯାଇଛି। ଏହି ସମସ୍ୟା ଶୀଘ୍ର ସମାଧାନ ହେବା ନେଇ ଆମେ ଆଶାବାଦୀ ଅଛୁ ବୋଲି କହିଛନ୍ତି।